୬ ଗ୍ୟାଙ୍ଗଟକ୍‌ରେ ଯୁବ ଖେଳାଳିଙ୍କ ସହ ଫୁଟବଲ ଖେଳିଲେ ପିଏମ୍ ମୋଦୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୮୯ ● ୨୯ ଅପ୍ରେଲ ୨୦୨୬ ବୁଧବାର ● ଭୁବନେଶ୍ୱର ● Vol -33 ● Issue-89 ● 29th April 2026, Wednesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ବିଜେପି ଏବଂ ଏନ୍‌ଡିଏର ଦର୍ଶନ ‘ମହିଳା ଶକ୍ତି ପ୍ରତି ସମ୍ମାନ’

# ଦେଶରେ ମହିଳା ସଂରକ୍ଷଣ ନିଶ୍ଚୟ ଲାଗୁ ହେବ

**ନୂଆଦିଲ୍ଲୀ, ୨୮।୪**

ମଙ୍ଗଳବାର ବାରାଣସୀ ଗସ୍ତରେ ଆସି ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଏହି ଅବସରରେ ସେ କହିଛନ୍ତି ଯେ ତାଙ୍କ ସରକାର ଦେଶର ନୀତି ନିର୍ଦ୍ଧାରଣରେ ମହିଳାମାନଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ। ବାରାଣସୀରେ ଏକ ମହିଳା ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ବିରୋଧୀଙ୍କୁ ଖୁବ୍ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ, ସମାଜବାଦୀ ପାର୍ଟି, କଂଗ୍ରେସ ଏବଂ ଟିଏମ୍‌ସି ଦ୍ୱାରା ଦେଶର ମହିଳାମାନଙ୍କ ପ୍ରତି ବିଶ୍ୱାସଘାତକତା କରାଯାଇଛି। ସେ ଆଶ୍ୱାସନା ଦେଇଛନ୍ତି ଯେ ମହିଳା ସଂରକ୍ଷଣ ନିଶ୍ଚୟ କାର୍ଯ୍ୟକାରୀ କରାଯିବ।



ପ୍ରଧାନମନ୍ତ୍ରୀ ମୋଦୀ ଭୋଜପୁରୀରେ ମହିଳାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ‘ଆମେ କାଶୀର ମା’ ଏବଂ ଭଉଣୀମାନଙ୍କୁ ପ୍ରଣାମ କରୁଛୁ। କଂଗ୍ରେସ, ଟିଏମ୍‌ସି ଏବଂ ଏସ୍‌ପି ପୁଣି ଥରେ ମହିଳାମାନଙ୍କ ପ୍ରତି ବିଶ୍ୱାସଘାତକତା କରିଛନ୍ତି। ଏହି ରକ୍ଷଣଶୀଳ ଦଳଗୁଡ଼ିକ ମହିଳା ଶକ୍ତିକୁ ଭୟ କରନ୍ତି, କିନ୍ତୁ ମୁଁ ଆପଣଙ୍କୁ ସଂରକ୍ଷଣ ପ୍ରଦାନ କରିବା ପାଇଁ କୌଣସି କସରତ ଛାଡ଼ିବି ନାହିଁ। ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ଆମର ଲକ୍ଷ୍ୟ।

ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ, କାଶୀର ସାଂସଦ ଏବଂ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଜାତୀୟ ସ୍ୱାର୍ଥରେ ଏକ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ମୋତେ ଆପଣଙ୍କ ଆଶୀର୍ବାଦ ଆବଶ୍ୟକ ଏବଂ ଏହି ପ୍ରମୁଖ ଲକ୍ଷ୍ୟ ହେଉଛି ଲୋକସଭା ଏବଂ ବିଧାନସଭାରେ ମହିଳାମାନଙ୍କ ପାଇଁ ସଂରକ୍ଷଣ କାର୍ଯ୍ୟକାରୀ କରିବା। ସେ କହିଛନ୍ତି ଯେ ଭାରତକୁ ବିକଶିତ କରିବାର ମିଶନ ଚାଲୁ ରହିଛି ଏବଂ ଯେତେବେଳେ ମୁଁ ଏକ ବିକଶିତ ଭାରତ ବିଷୟରେ କଥା ହୁଏ, ଏହାର ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ହେଉଛି ଭାରତର ମହିଳା ଶକ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ କିଛି ପରିବାରମୁଖୀ ଦଳଗୁଡ଼ିକ ମହିଳା ଶକ୍ତିକୁ ଭୟ କରନ୍ତି ଏବଂ ମହିଳାମାନେ ବିଧାନସଭା ଏବଂ ସଂସଦରେ ପହଞ୍ଚିବାକୁ ଚାହାନ୍ତି ନାହିଁ। ସେ ଆହୁରି କହିଛନ୍ତି ଯେ ବିରୋଧୀ ଭୟ କରନ୍ତି ଯେ ଯଦି ମହିଳାମାନେ ବହୁ ସଂଖ୍ୟାରେ ରାଜନୀତିରେ ପ୍ରବେଶ କରନ୍ତି, ତେବେ ସେମାନଙ୍କର ପାରମ୍ପରିକ ରାଜନୀତି ଶେଷ ହୋଇଯିବ। ସେ କହିଥିଲେ ଯେ ବିଜେପି ଏବଂ ଏନଡିଏର ଦର୍ଶନ ‘ମହିଳା ଶକ୍ତି ପ୍ରତି ସମ୍ମାନ’ ଏବଂ ‘ନାଗରିକମାନେ ଦେବତା’ ନୀତି ଉପରେ ଆଧାରିତ। ପ୍ରଧାନମନ୍ତ୍ରୀ ଦେଶକୁ ବିକାଶ କରିବା ପାଇଁ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ମହିଳାମାନଙ୍କୁ ଆହ୍ୱାନ କରିଥିଲେ।

## ସାମରିକ ଶକ୍ତି ବୃଦ୍ଧି କରୁଛି ଭାରତ

# ପ୍ରତିରକ୍ଷା ଖର୍ଚ୍ଚ କରିବାରେ ଟପ୍ ୫ ଦେଶ ତାଲିକାରେ ସାମିଲ୍

**ନୂଆଦିଲ୍ଲୀ, ୨୮।୪**

ଶକ୍ତିଶାଳୀ ହେଉଛି ଭାରତ। ବଢୁଛି ସାମରିକ ଶକ୍ତି। ଭାରତୀୟ ସେନାର ଶକ୍ତି ଦିନକୁ ଦିନ ବୃଦ୍ଧି ପାଉଛି। ଏହାସହ ସେନା ବା ପ୍ରତିରକ୍ଷା କ୍ଷେତ୍ରରେ ସର୍ବାଧିକ ଖର୍ଚ୍ଚ କରିଥିବା ଦେଶ ତାଲିକାରେ ଭାରତ ୫ ନମ୍ବରରେ ପହଞ୍ଚିଛି।

ଷ୍ଟକହୋମ୍ ଇଣ୍ଟରନ୍ୟାସନାଲ୍ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ରିପୋର୍ଟ ଅନୁସାରେ, ଭାରତ ନିଜର ସାମରିକ ଖର୍ଚ୍ଚରେ ବୃଦ୍ଧି କରିଛି। ପୂର୍ବ ଖର୍ଚ୍ଚ ତୁଳନାର ସାମରିକ ଖର୍ଚ୍ଚ ୮.୯ ପ୍ରତିଶତ ବୃଦ୍ଧି ପାଇ ୯୨.୧ ବିଲିୟନ ଡଲାରରେ ପହଞ୍ଚିଛି। ସାରା ବିଶ୍ୱରେ ସେନା ଉପରେ ୨୮୮୭ ବିଲିୟନ ଡଲାର ଖର୍ଚ୍ଚ ହୋଇଛି। ଲଗାତାର ୧୧ ବର୍ଷ ଧରି ସମସ୍ତ ଦେଶ ନିଜ ସାମରିକ ଶକ୍ତିରେ ଅଧିକ ବ୍ୟୟ କରିଛନ୍ତି। ଭାରତ ଏବଂ ଜର୍ମାନୀ ବଜେଟର ସବୁଠାରୁ ଅଧିକ ପ୍ରତିଶତ ସାମରିକ ଶକ୍ତି ବୃଦ୍ଧିରେ ଖର୍ଚ୍ଚ କରୁଛନ୍ତି।



ଅନ୍ୟମାନଙ୍କ ମଧ୍ୟରେ ସେନା ଉପରେ ଅଧିକ ଖର୍ଚ୍ଚ ଦେଶ ତାଲିକାରେ ଆମେରିକା, ଚୀନ୍, ରୁଷିଆ ଏବଂ ଜର୍ମାନୀ ରହିଛନ୍ତି। ଏହା ପଛକୁ ପଞ୍ଚମ ସ୍ଥାନରେ ଭାରତ ରହିଛି। ଗତବର୍ଷ ପାକିସ୍ତାନ ସହ ହୋଇଥିବା ସଙ୍ଘର୍ଷ ପରେ ଭାରତ ମିଶାଇଲ, ଡ୍ରୋନ୍ ଏବଂ ଲଢୁଆ ବିମାନରେ ଅଧିକ ଖର୍ଚ୍ଚ କରିଛି।

ସେହିପରି ପାକିସ୍ତାନ ମଧ୍ୟ ନିଜ ସାମରିକ ଖର୍ଚ୍ଚକୁ ବୃଦ୍ଧି କରିଛି। ଭାରତର ଶତ୍ରୁ ଦେଶ ସାମରିକ ଖର୍ଚ୍ଚରେ ୧୧ ପ୍ରତିଶତ ବୃଦ୍ଧି କରିଛି। ଯାହା ପ୍ରାୟ ୧୧.୯ ବିଲିୟନ ଡଲାର। ଚୀନ୍‌ରୁ ଅନେକ ବିମାନ ଅର୍ଡର ଦିଆଯାଇଛି। ଅନ୍ୟ ଦିଗରେ ଆମେରିକା ସାମରିକ ଖର୍ଚ୍ଚରେ ୨୦୨୪ ତୁଳନାରେ ୨୦୨୫ରେ ୭.୫ ପ୍ରତିଶତ ଖର୍ଚ୍ଚ କାଟ୍ କରିଛି। ୟୁରୋପ ସାମରିକ ଖର୍ଚ୍ଚକୁ ୧୪ ପ୍ରତିଶତ ବୃଦ୍ଧି କରିଛି। ଏସିଆରେ ମଧ୍ୟ ସାମରିକ ଖର୍ଚ୍ଚ ୮.୧ (ପୃଷ୍ଠା ୭ରେ)

## ମେ’ ୪ରୁ ଓଜେଇଇ ପରୀକ୍ଷା

**ଭୁବନେଶ୍ୱର, ୨୮।୪**

**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)–୨୦୨୬ ଆସନ୍ତା ମେ’ ୪ ତାରିଖରୁ ଆରମ୍ଭ ହେବ। ୧୦ ତାରିଖ ଯାଏ ୩ଟି ସିଫ୍ଟରେ ପରୀକ୍ଷା ହେବ। ପ୍ରଥମ ସିଫ୍ଟ ସକାଳ ୯ଟାରୁ ୧୧ଟା, ଦ୍ୱିତୀୟ ସିଫ୍ଟ ଅପରାହ୍ନ ୧ଟାରୁ ୩ଟା ଏବଂ ତୃତୀୟ ସିଫ୍ଟ ଅପରାହ୍ନ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ହେବ। ସମସ୍ତ ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମୋଡରେ ହେବ। ଆବେଦନକାରୀଙ୍କ ଆଡମିଟ୍ କାର୍ଡ ୱେବ୍‌ସାଇଟରେ ଉପଲବ୍ଧ ରହିଛି। ଏନେଇ ଓଜେଇଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ, ମେ’ ୪ ତାରିଖରେ ତିନୋଟି ଯାକ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂର ପ୍ରବେଶିକା ପରୀକ୍ଷା ହେବ। ୫ ତାରିଖ ପ୍ରଥମ ଓ ଦ୍ୱିତୀୟ ସିଫ୍ଟରେ ବେସିକ୍ ବିଏସ୍‌ସି ନର୍ସିଂର ପରୀକ୍ଷା ହେବ। ତୃତୀୟ ସିଫ୍ଟରେ ବି ଫାର୍ମାର ପରୀକ୍ଷା ହେବ। ୬ ତାରିଖରେ ୩ଟି ଯାକ ସିଫ୍ଟ ବି ଫାର୍ମା ପରୀକ୍ଷା ହେବ। ୭ ତାରିଖରେ ପ୍ରଥମ ସିଫ୍ଟରେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ ଓ ଏମ୍‌ଏସ୍‌ସି ନର୍ସିଂ ପରୀକ୍ଷା ହେବ। ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମ୍‌ବିଏ ପରୀକ୍ଷା ହେବ। ୮ ତାରିଖରେ ସମସ୍ତ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା) ପରୀକ୍ଷା ରହିଛି। ୯ ତାରିଖର ପ୍ରଥମ ସିଫ୍ଟରେ ଏଲ୍‌ଇ. ଟେକ୍ (ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଏମ୍‌ସିଏ/ ଏମ୍‌ଏସ୍‌ସି (କମ୍ପ୍ୟୁଟର (ପୃଷ୍ଠା ୭ରେ)

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୩୭୧(-୩୩)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୯୦ (-୩୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୫୨୮ (-୨୫)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୦)

# ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର

**କେନ୍ଦୁଝର, ୨୮।୪**

**ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିବା ସହ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟକୁ ପି.ଏମ୍.ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନତିକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତା ରାଶି



ଘୋଷଣା କରିବା ସହିତ କୁଟାରୀପଶି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ କରାଯିବ ବୋଲି ଏହି କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି।

ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା। ସଫଳତାର କୌଣସି ସର୍ଟକଟ୍ ନାହିଁ। କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ। ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତ୍ତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ୧୩ ହଜାର ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରାଯାଇଛି। ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି।

୫–ଟି ମଡେଲ (ପୃଷ୍ଠା ୭ରେ)

## ସିକ୍କିମ୍‌ର ୫୦ ବର୍ଷ ପୂର୍ତ୍ତି

# ୪ହଜାର କୋଟିର ପ୍ରକଳ୍ପ ଭେଟି ଦେଲେ ପ୍ରଧାନମନ୍ତ୍ରୀ

**ଗ୍ୟାଙ୍ଗଟକ୍, ୨୮।୪**

ସିକ୍କିମ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ରାଜ୍ୟକୁ ୫୦ ବର୍ଷ ପ୍ରତିଷ୍ଠା ଦିବସ ଅବସରରେ ୪ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ। ରାଜଧାନୀ ଗ୍ୟାଙ୍ଗଟକ୍‌ରେ ସକା ସୌନ୍ଦର୍ଯ୍ୟକୁ ଉପଭୋଗ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଯୁବକ ଯୁବତୀଙ୍କ ସହ ମିଶି ଖେଳିଲେ ଫୁଟବଲ୍। ସିକ୍କିମ ଗସ୍ତ ବେଳର ଫଟୋ ଏବଂ ଭିଡିଓ ମୋଦୀ ତାଙ୍କ ସୋସିଆଲ୍ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରିଛନ୍ତି। ଗ୍ୟାଙ୍ଗଟକ୍‌ରେ ସକାଳେ ଯୁବକମାନଙ୍କ ସହିତ ଫୁଟବଲ୍ ଖେଳିବା ତାଙ୍କ ପାଇଁ ଏକ ଅତ୍ୟନ୍ତ ଉତ୍ସାହଜନକ ଅଭିଜ୍ଞତା ଥିଲା। ଯାହାକି ତାଙ୍କୁ ନୂତନ ଶକ୍ତି ଏବଂ ସକାରାତ୍ମକତାର ଅନୁଭବ ଦେଇଛି।



ସିକ୍କିମର ୫୦ ବର୍ଷ ପ୍ରତିଷ୍ଠା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୪ ହଜାର କୋଟି ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି। ସିକ୍କିମ ପୂର୍ବ (ପୃଷ୍ଠା ୭ରେ)

# ଗ୍ରୀଷ୍ମ ପ୍ରବାହ ଜାରି : ଦିନ ୧୧ଟାରୁ ୩ଟା ଘରୁ ନ ବାହାରିବାକୁ ପରାମର୍ଶ

**ଭୁବନେଶ୍ୱର, ୨୮।୪**

**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ପରିସ୍ଥିତକୁ କିଭଳି ଏହି ସମୟରେ ସାମ୍ନା କରାଯିବ ସେଥିପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରା (ପୃଷ୍ଠା ୭ରେ)



# ଅଭାବନୀୟ ଘଟଣା : ୩ ନାବାଳକ ମୃତ, ମୁଖ୍ୟମନ୍ତ୍ରୀଙ୍କ ସହାୟତା



**ବଲାଙ୍ଗୀର, ୨୮।୪**

**ନ୍ୟୁଜ୍‌ବ୍ୟୁରୋ**

ବିବାହ ସମାରୋହ ପାଇଁ ଖୁସିରେ ପାଣି ଆଣିବାକୁ ଯାଇଥିବା ପିକ୍‌ଅପ୍ ଭ୍ୟାନ୍ ଏକ ବଡ଼ଧରଣର ଦୁର୍ଘଟଣାର ସାମ୍ନା କରିଛି। ଏଥିରେ ଦୁଇ ଜଣ ନାବାଳକଙ୍କର ସହିତ ତିନିଜଣଙ୍କର ମୃତ୍ୟୁ ଘଟିଛି। ବଲାଙ୍ଗୀରଜିଲ୍ଲା ଟିଟିଲାଗଡ଼ ଥାନା ଅଧୀନ ମାରଲାର୍ଡ ବ୍ରିଜ୍ ନିକଟରେ ମଙ୍ଗଳବାର ଅପରାହ୍ଣରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକମାନେ ହେଲେ ମୋହକ ତାଣ୍ଡିଙ୍କର ପୁଅ ମୋସେସ ତାଣ୍ଡି (୧୪), କାଳିଆ ତାଣ୍ଡିଙ୍କ ପୁଅ କ୍ରିଷ୍ଣା ତାଣ୍ଡି (୧୪) ଏବଂ ବନ ତାଣ୍ଡିଙ୍କ ପୁଅ ବିକ୍ରମ ତାଣ୍ଡି (୨୫)।

ସୂଚନା ଅନୁସାରେ ଟିଟିଲାଗଡ଼ ନିକଟ ଲେସୁନବାହାଲି ଗାଁରେ ମଙ୍ଗଳବାର ଅପରାହ୍ଣରେ ଏକ ବିବାହ ସମାରୋହ ଅବସରରେ ଭୋଜିର (ପୃଷ୍ଠା ୭ରେ)

# ଆତଙ୍କବାଦକୁ ରାଜନୈତିକ ସ୍ୱୀକୃତି ଦିଆଯାଇପାରିବ ନାହିଁ



**ନୂଆଦିଲ୍ଲୀ, ୨୮।୪**

ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ଆତଙ୍କବାଦ ସମ୍ପର୍କରେ ଚୀନ୍ ଏବଂ ପାକିସ୍ତାନକୁ ଏକ ମିଳିତ ଚେତାବନୀ ଦେଇଛନ୍ତି। କିର୍ଗିଜସ୍ତାନର ବିଶକେକ୍‌ରେ କଡ଼ା ସ୍ୱରରେ ସେ କହିଛନ୍ତି, ଆତଙ୍କବାଦକୁ ରାଜନୈତିକ ସ୍ୱୀକୃତି ଦିଆଯାଇପାରିବ ନାହିଁ। ଆତଙ୍କବାଦୀଙ୍କ ନିରାପଦ ଆଶ୍ରୟସ୍ଥଳ ଏବଂ (ପୃଷ୍ଠା ୭ରେ)

# ପ୍ରାଥମିକ ସ୍କୁଲ ଉପରେ ଆମେରିକାର ମିସାଇଲ୍ ଆକ୍ରମଣ : ୧୫୫ ମୃତ

**ୱାଶିଂଟନ, ୨୮।୪**

ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କମୁନି। ଆଲୋଚନା ଚାଲିଥିଲେ ବି କିଛି ଲାଭ ମିଳୁନି। ଏହାରି ଭିତରେ ପରସ୍ପର ଉପରେ ଉଭୟ ଦେଶ ମିସାଇଲ୍ ଆକ୍ରମଣ କରୁଛନ୍ତି। ତେବେ ଯୁଦ୍ଧ ଆରମ୍ଭରେ ଇରାନର ମିନାବରେ ଥିବା ଏକ ସ୍କୁଲରେ ମିସାଇଲ ମାଡ ହୋଇଛି। ଏହି ବିଦ୍ୟାଳୟରେ ହୋଇଥିବା ଆକ୍ରମଣରେ ଏବେସୁଦ୍ଧା ୧୫୫ ଜଣ ପ୍ରାଣ ହରାଇଛନ୍ତି।

ସୂଚନା ଅନୁସାରେ, ସ୍କୁଲରେ ଅନେକ ଛାତ୍ରଛାତ୍ରୀ ପ୍ରାଣ ହରାଇଛନ୍ତି। ଯେଉଁଥିରେ ୭୩ ଛାତ୍ର ଏବଂ ୪୭ ଛାତ୍ରୀ ଏବଂ ୨୬ ଜଣ ଶିକ୍ଷକ ରହିଛନ୍ତି। ଏହାସହ ୭ ଜଣ ଅଭିଭାବକ ମଧ୍ୟ ଜୀବନ ହରାଇଛନ୍ତି। ଇରାନ-ୟୁଏସ୍ ଯୁଦ୍ଧ ମଧ୍ୟରେ ମିନାବ୍ ସ୍କୁଲ ଆକ୍ରମଣକୁ ସବୁଠୁ ଭୟଙ୍କର ଏବଂ ହୃଦୟ ବିଦାରକ ବୋଲି କୁହାଯାଉଛି।



ରିପୋର୍ଟ ଅନୁସାରେ, ଫେବୃୟାରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ ଇରାନ ବିପକ୍ଷରେ ସାମରିକ ଅଭିଯାନ ଆରମ୍ଭ କରିଥିଲେ। ଇରାନର ମିନାବରେ ଥିବା ସଜାରେହ ତୟବେ ପ୍ରାଥମିକ ବିଦ୍ୟାଳୟରେ ଏକ ମିସାଇଲ୍ ମାଡ ହୋଇ (ପୃଷ୍ଠା ୭ରେ)

## ଏକାଳ ପଖାଳ



ପାରିବା ପଣିଆ ବହୁତ ତାଙ୍କର
ପଞ୍ଚାୟତେ ନାହିଁ ମେଣ୍ଟ
ଭୋଟର ଜନଙ୍କୁ ଆକର୍ଷିତ କରି
ବଜେଇବେ ନିଜ ଘଣ୍ଟ
ଯେତିକି ପାଇବ ଥଣ୍ଟ
ଖୁମ୍ପାଖୁମ୍ପି କରି ଖାଇବେ ସେତିକି
ଅଣତିରିଶିରେ ଯାଇ ଭେଟ!!

# ମେ’ରେ ପହଞ୍ଚିବ ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ



**ନୂଆଦିଲ୍ଲୀ, ୨୮।୪**

ଅପରେସନ୍ ସିନ୍ଦୂରକୁ ଏକ ବର୍ଷ ପୂରଣ ହୋଇଛି। ଏଥିରେ ପାକିସ୍ତାନକୁ ରୁଷ୍‌ର ଏସ୍-୪୦୦ ବାୟୁ ପ୍ରତିରକ୍ଷା ପ୍ରଣାଳୀ ବଡ଼ ଝଟ୍‌କା ଦେଇଥିଲା। ଭାରତ ଏବଂ ରୁଷ୍ ମଧ୍ୟରେ ବନ୍ଧୁତାକୁ ବିଶ୍ୱର ସବୁଠାରୁ ବିଶ୍ୱସ୍ତ ବନ୍ଧୁମାନଙ୍କ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ପଶ୍ଚିମ ଏସିଆରେ ଶକ୍ତି ସଙ୍କଟ ଏବଂ ଉତ୍ତେଜନା ବୃଦ୍ଧି ସତ୍ତ୍ୱେ, ଏହି ବନ୍ଧୁତା ଅତୁଟ ରହିଛି। ପ୍ରତିରକ୍ଷା ଚୁକ୍ତି ହେଉ, ଶକ୍ତି ସୁରକ୍ଷା ହେଉ କିମ୍ବା କୂଟନୈତିକ ସମର୍ଥନ, ଉଭୟ ପାଞ୍ଚ ଦଶନ୍ଧି ଧରି ପରସ୍ପର ସହିତ ଠିଆ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ, ଅପରେସନ ସିନ୍ଦୂରର ପ୍ରଥମ ବାର୍ଷିକୀ ପୂର୍ବରୁ, ରୁଷ୍ ଭାରତକୁ ଏହାର ଚତୁର୍ଥ ଏସ–୪୦୦ବାୟୁ ପ୍ରତିରକ୍ଷା ପ୍ରଣାଳୀ ପ୍ରଦାନ କରିଥିଲା। ଏହା ମେ’ ମାସର ମଧ୍ୟଭାଗ ସୁଦ୍ଧା ଭାରତୀୟ ବନ୍ଦରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ସୂଚନା ଅନୁଯାୟୀ, ଭାରତୀୟ ବାୟୁସେନାର ଅଧିକାରୀମାନେ ରୁଷ୍ ଗସ୍ତ କରି ପ୍ରଣାଳୀର ଯାଞ୍ଚ ସମାପ୍ତ କରିଥିଲେ। ଏହାକୁ ଗତ ସପ୍ତାହରେ ରୁଷ୍‌ରୁ ଭାରତ ପଠାଯାଇଥିଲା। ପାକିସ୍ତାନ ବିରୋଧରେ କ୍ଷେପଣାସ୍ତ୍ର ପ୍ରତିରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ଏହି ନୂତନ ପ୍ରଣାଳୀକୁ ରାଜସ୍ଥାନ କ୍ଷେତ୍ରରେ ନିୟୋଜିତ ହେବାର ଆଶା କରାଯାଉଛି।

ପଞ୍ଚମ ଏସ୍–୪୦୦ସିଷ୍ଟମ, ଯାହା ଅପରେସନ ସିନ୍ଦୂର ସମୟରେ ଚମତ୍କାର ପ୍ରଦର୍ଶନ କରିଥିଲା, (ପୃଷ୍ଠା ୭ରେ)



# ସମାଜର ତଳ ଶ୍ରେଣୀର ଜନତାଙ୍କୁ ନିକଟରେ ପ୍ରତ୍ୟେକ ଯୋଜନା ପହଞ୍ଚାଇବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ : ଶିଳ୍ପ ମନ୍ତ୍ରୀ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲା ପ୍ରଶାସନ ଓ ଜଗତସିଂହପୁର ପଞ୍ଚାୟତ ସମିତିଙ୍କ ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ମାନ୍ୟବର ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ବିନା ଦ୍ୱିଧାରେ ସମାଜ ର ତଳସ୍ତରରେ ଥିବା ଲୋକଙ୍କ ନିକଟରେ ବିଭିନ୍ନ ଯୋଜନା ପହଞ୍ଚାଇବା ଆମ ସମସ୍ତଙ୍କ ଗୁରୁଦାୟିତ୍ୱ । ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି। ଗାଁ ର ଉନ୍ନତି ହେଲେ ଦେଶର ଉନ୍ନତି ହୋଇ ପାରିବ। ଘର ନଥିବା ପ୍ରତ୍ୟେକ ଗରିବ ଲୋକଙ୍କୁ ଦଳମତ ନିର୍ବିଶେଷରେ ଅନ୍ତୋଦୟ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ



ଜଗତସିଂହପୁର ଜିଲ୍ଲାକୁ ଏକ ବିକଶିତ ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଉତ୍ସବରେ ମାନ୍ୟବର ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ କହିଲେ ଶାସନର ବିକେନ୍ଦ୍ରୀକରଣ ସହ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ହୋଇପାରିଲେ ଦେଶର ବିକାଶ ସମ୍ଭବ। ପଞ୍ଚାୟତକୁ ଏକ ୟୁନିଟ ଭାବେ ନେଇ ବିକାଶ କରାଯାଉଛି। ପଞ୍ଚାୟତର ବିକାଶ କହିଲେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କୁ ବୁଝାଇଥାଏ। ମହିଳାଙ୍କ ବିକାଶ ହେଲେ ପରିବାରର ବିକାଶ ହୋଇପାରିବ। ଏହି ଉତ୍ସବରେ ମାନ୍ୟବର ବିଧାୟକ ଜଗତସିଂହପୁର ଅମରେନ୍ଦ୍ର ଦାସ ଯୋଗଦେଇ କହିଲେ ପଞ୍ଚାୟତିରାଜ ବ୍ୟବସ୍ଥା ରେ ମହିଳା ମାନଙ୍କୁ ଅଧିକ କ୍ଷମତା ଦିଆଯାଇ ସେମାନଙ୍କୁ ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀ କରାଯାଇ ପାରୁଛି। ଅର୍ଥନୀତି ସୁଦୃଢ଼ କରିବାକୁ ହେଲେ ମା ମାନଙ୍କର ଅର୍ଥନୀତିକୁ ପ୍ରଥମେ ସୁଦୃଢ଼ କରାଯିବା ଉଚିତ୍। ଦଳମତ ନିର୍ବିଶେଷରେ ସମସ୍ତଙ୍କ ନିକଟରେ ଜନ ହିତକର ଯୋଜନା ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି ସେ କହିଥିଲେ। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଗାଁ ର ବିକାଶ ରେ ଦେଶ ବିକାଶ ସମ୍ଭବ ବୋଲି କହିଥିଲେ। ଏହି ଉତ୍ସବରେ ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଜେ ସୋନାଲ ପଞ୍ଚାୟତିରାଜ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କରେ ବିବରଣୀ ପ୍ରଦାନ ସହ ତୃଣମୂଳ ସ୍ତରରେ ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାର ଉନ୍ନତି ନିମନ୍ତେ ପଞ୍ଚାୟତିରାଜ ବ୍ୟବସ୍ଥା ସାଧନ ବୋଲି କହିଥିଲେ। କରିଥିଲେ। ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ ସଭାରେ ଅଧ୍ୟକ୍ଷତା କରିବା ସହ ଶେଷ ରେ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାରେ ଶ୍ରେଷ୍ଠ କାର୍ଯ୍ୟଦକ୍ଷତା ପାଇଁ ବ୍ଲକ୍ ଓ ଗ୍ରାମ ପଞ୍ଚାୟତମାନଙ୍କୁ ସମ୍ମାନିତ କରାଯାଇଛି । ରୁରାଲ୍ ହାଉସିଂ ଯୋଜନାରେ ବିରିଡି ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନରେ ରହିଛି । ଗଏଘଜରଏଝ ଯୋଜନାରେ ବାଲିକୁଦା ବ୍ଲକ୍ ପ୍ରଥମ ଏବଂ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନ ପାଇଛି । ଯୋଜନାରେ ରଘୁନାଥପୁର ବ୍ଲକ୍ ପ୍ରଥମ ଏବଂ କୁଜଙ୍ଗ ବ୍ଲକ୍ ଦ୍ୱିତୀୟ ସ୍ଥାନରେ ରହିଛି । ଜୀବିକା ମିଶନ ରେ ତିର୍ତ୍ତୋଲ ବ୍ଲକ୍ ପ୍ରଥମ ଏବଂ ଜଗତସିଂହପୁର ବ୍ଲକ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ଲକ୍ଷପତି ଦିଦି ସୃଷ୍ଟି ଯୋଜନାରେ ରଘୁନାଥପୁର ବ୍ଲକ୍ (୯୦% ଟାର୍ଗେଟ୍ ପୂରଣ) କରି ପ୍ରଥମ ଏବଂ ବାଲିକୁଦା ବ୍ଲକ୍ (୮୨% ଟାର୍ଗେଟ୍ ପୂରଣ) କରି ଦ୍ୱିତୀୟ ସ୍ଥାନରେ ରହିଛି । ବିରିଡି ବ୍ଲକ୍ ଓ ଈଏଈଡଂରେ କୁଜଙ୍ଗ ବ୍ଲକ୍ ପ୍ରଥମ ସ୍ଥାନରେ ରହିଛି । ଶ୍ରେଷ୍ଠ ପଞ୍ଚାୟତ ବିଭାଗରେ କୁଜଙ୍ଗ ବ୍ଲକ୍ଅଧୀନ ନୂଆଗାଁ ଗ୍ରାମ ପଞ୍ଚାୟତ ୨୦୨୫-୨୬ ଆର୍ଥିକ ବର୍ଷରେ ସର୍ବାଧିକ ଆଦାୟ (୧,୨୦,୦୦୦ ଟଙ୍କା) କରି ପ୍ରଥମ ସ୍ଥାନ ଅଧିକାର କରିଛି । ସର୍ବାଧିକ ବ୍ୟୟ କରିଥିବା ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ ଜଗତସିଂହପୁର ବ୍ଲକ୍ ର ସମଙ୍ଗ ଗ୍ରାମ ପଞ୍ଚାୟତ ଚୟନ ହୋଇଛି।

# ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ଚିକିତ୍ସକମାନଙ୍କ ଅବଦାନ ପ୍ରଶଂସନୀୟ

**ବୌଦ୍ଧ,ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ସଦର ମହକୁମା ମାରୱାଡି ଧର୍ମଶାଳା ଠାରେ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସାଧାରଣ ସଭା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ରାମା ରାଓ ପାଲୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଯୋଗଦେଇ ପ୍ରାଣୀ ଚିକିତ୍ସକ ମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ହରଭଙ୍ଗା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ ଓ ତହସିଲଦାର ବଳଦେବ ବେହେରା ମାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବୌଦ୍ଧ ମୁଖ୍ୟ ପ୍ରାଣୀଚିକିତ୍ସାଳୟ ଉପ ନିର୍ଦ୍ଦେଶକ ଡା ଶୁଭେନ୍ଦୁ ଶେଖର ସାହୁ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ପ୍ରାଣୀ




ଚିକିତ୍ସା ଅଧିକାରୀ ଡା ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଉପସ୍ଥିତ ଥିବା ବିଭିନ୍ନ ଚାଷୀ ନିଜ ନିଜର ସମସ୍ୟା ଉପରେ ଉପସ୍ଥାପନା କରିଥିଲେ । ମାହେଶ୍ୱରୀ ଗୋଶାଳା ଅଧ୍ୟକ୍ଷ ନିର୍ଗୁଣ ମହାକୁଡ଼ ନିଜ ଗୋଶାଳାରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାରେ ଯେତିକି ସଂଖ୍ୟକ ଚିକିତ୍ସକ ଓ କର୍ମଚାରୀ ରହିବା କଥା ସେତିକି ସଂଖ୍ୟକ ନଥିବାରୁ ଆଶାନୁରୂପ ଭାବେ ପ୍ରାଣୀ ସେବା ହୋଇପାରୁ ନଥିବା ଉପସ୍ଥିତ ଚାଷୀମାନେ ପ୍ରକାଶ କରିଥିଲେ । ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ତୁରନ୍ତ ପଦକ୍ଷେପ ନିଆଯିବା ପାଇଁ ଚାଷୀମାନେ ଅନୁରୋଧ କରିଥିଲେ । ଏହି ଅବସରରେ ପ୍ରାଣୀ ଚିକିତ୍ସକମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ ଅଧିକାରୀ, ପ୍ରାଣୀ ଚିକିତ୍ସକ ଓ କର୍ମଚାରୀ ମାନେ ସକ୍ରିୟ ସହଯୋଗ କରିଥିଲେ ।

# ଚୌଦ୍ୱାରରେ ଶନିଦେବଙ୍କ ଜଳାଭିଷେକ ଉତ୍ସବ

**ଚୌଦ୍ୱାର,ନ୍ୟୁଜ ବ୍ୟୁରୋ**



ଚୌଦ୍ୱାର ଅଞ୍ଚଳରେ ଥିବା ବିଭିନ୍ନ ଶନିଦେବ ମନ୍ଦିରରେ ଗ୍ରହରାଜଙ୍କ ଜଳାଭିଷେକ ଉତ୍ସବ ଓ ପୂଜାର୍ଚ୍ଚନା ଧୂମଧାମରେ ଅନୁଷ୍ଠିତ ହୋଇ ଯାଇଛି । ଶନିବାର ପ୍ରଭାତରୁ ମନ୍ଦିର ଗୁଡ଼ିକରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋ ପୂଜା, ଜଳାଭିଷେକ, ଆଦି ବିଭିନ୍ନ କାର୍ଯ୍ୟକ୍ରମ ରୀତିନୀତିରେ ସମ୍ପନ୍ନ କରାଯାଇଥିଲା। ଶନିଦେବଙ୍କ ସନ୍ତୁଷ୍ଟି ନିମି ମନ୍ଦିର ମାନଙ୍କରେ ଯଜ୍ଞ ଆୟୋଜନ କରାଯାଇ ଆହୁତି ପ୍ରଦାନ କରା ଯାଇଥିଲା । ଶ୍ରଦ୍ଧାଳୁମାନେ ମନ୍ଦିର ଗୁଡ଼ିକରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହିତ ଗ୍ରହରାଜଙ୍କୁ ଜଳାଭିଷେକ କରିଥିଲେ । ମାନସିକଧାରୀ ମାନେ ମାନସିକ ପୂରଣ ପାଇଁ ମନ୍ଦିରରେ ଅଧିଆ ପଡ଼ିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିର ମାନଙ୍କରେ ଭଜନ ସମାରୋହ, ସଂକୀର୍ତ୍ତନ, ପ୍ରସାଦ ସେବନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ବେଉରାସାହି, ନବଗ୍ରହ ସାହି, ହିଙ୍ଗୁଳେଇ ସାହି, କପାଳେଶ୍ୱର, କପାଳେଶ୍ୱର ନୂଆସାହି, ହାଉସିଂବୋର୍ଡ଼, ନଖରା ପଞ୍ଚାୟତ ଆଦି ସ୍ଥାନରେ ଥିବା ଶନିଦେବ ମନ୍ଦିର ମାନଙ୍କରେ ପ୍ରବଳ ଜନ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା ।

# ନୃସିଂହନାଥ ପୀଠରେ ରଙ୍ଗୋଲି ପ୍ରତିଯୋଗିତା ଓ ଚିତ୍ରକଳା ପ୍ରଦର୍ଶନ

**ବରଗଡ/ପାଇକମାଲ, ନ୍ୟୁଜ ବ୍ୟୁରୋ**

ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ଓ ବୈଶାଖ ମେଳା-୨୦୨୬ ଅବସରରେ ଶ୍ରୀ ନୃସିଂହନାଥ ମନ୍ଦିର ପରିସରରେ ଏକ ଭବ୍ୟ ରଙ୍ଗୋଲି ପ୍ରତିଯୋଗିତା ଓ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅପ୍ରେଲ ୨୬ ରୁ ମେ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ମେଳା ପୂର୍ବରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରତିଭାବାନ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ବରଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର୍ ହୁସେନ୍, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଏବଂ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୀପକ୍ ସିହ୍ନା ପ୍ରମୁଖ



ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ଆୟୋଜିତ ରଙ୍ଗୋଲି ପ୍ରତିଯୋଗିତାରେ ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରଖର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଶିବାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ 'ଜୟ ଗୋପାଳ ଗ୍ରୁପ' ଶ୍ରେଷ୍ଠ ବିବେଚିତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜଖରିଆରର ଦିଗବିଜୟ ସିଂହ ଦ୍ୱିତୀୟ ଏବଂ 'ଲିଟିଲ୍ ଏଞ୍ଜେଲ୍' ଗ୍ରୁପ୍ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହା ସହିତ ଆୟୋଜିତ ଚିତ୍ରକଳା ଶିବିରରେ ମୋଟ ୧୫ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ଭାବଗ୍ରାହୀ ଚିତ୍ରମାନ ଅଙ୍କନ କରିଥିଲେ। ଶିବିର ଶେଷରେ ଅତିଥିମାନେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରିବା ସହ ସେମାନଙ୍କର ପ୍ରତିଭାକୁ ଉଚ୍ଚ ପ୍ରଶଂସା କରିଥିଲେ।

ପ୍ରଭୁ ନୃସିଂହନାଥଙ୍କ ପବିତ୍ର ବୈଶାଖ ମେଳା ପାଇଁ ଏବେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବେଳେ ଏହିପରି କଳା ଓ ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମ ମେଳାର ମାହୋଲକୁ ଆହୁରି ମନୋରମ କରିଛି। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆଲୋକ ଗରିଆ କାର୍ଯ୍ୟକ୍ରମର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଲକ୍ଷାଧିକ ଶ୍ରଦ୍ଧାଳୁ ଗ୍ରହ ରାଜ ଶନି ଦେବଙ୍କୁ କଲେ ଜଳାଭିଷେକ

**ବ୍ୟାସନଗର,ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାର ଅଞ୍ଚଳରେ ଗ୍ରହରାଜ ସତ୍ୟ ଧର୍ମର ରକ୍ଷକ ଶନିଶ୍ଚର ମନ୍ଦିର ରହିଛି। ବ୍ୟାସନଗର ସହର ନିକଟ ବର୍ତ୍ତୀ ରାଛି ପୁରଠାରେ ରାଜ୍ୟର ପ୍ରମୁଖ ଶନିଦେବଙ୍କ ପୀଠ । ଶନିବାର ଶନି ଦେବଙ୍କ ୭୭ତମ ବାର୍ଷିକ ଜନ୍ମ ଉତ୍ସବରେ ଭୋର ଚାରିଟା ସମୟରୁ ଗ୍ରହରାଜଙ୍କ କୃପା ପାଇବା ପାଇଁ ଜିଲ୍ଲା ସମେତ ଅନ୍ୟ ଜିଲ୍ଲାର ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇ ଥିଲା । ଏକ ନିର୍ଦ୍ଦିଷ୍ଟ ପୋଖରୀରୁ ନୂଆ କଳସରେ ମହିଳା ଓ ପୁରୁଷ ମାନେ ଜଳ ଆଣି ଶନିଦେବ ଉପରେ ଜଳ ଅଭିଷେକ କରିବା ସଙ୍ଗେ ଫଳ ପୁଷ୍ପ ଲାଗି କରି କୃପାଭିକ୍ଷା କରିଥିଲେ। ମନ୍ଦିର କମିଟି ପକ୍ଷରୁ ରାତ୍ର ଚାରିଟା ମନ୍ଦିର ଖୋଲା ଯାଇ ଘିଅ, ଖିର, ଦହି, ମହୁ, ଗୁଡ଼ ଓ ସୁବାସିତ ଜଳରେ ବେଦମନ୍ତ୍ର ଉଚ୍ଚାରଣରେ ମହାସାନ୍ନ କରା ଯାଇଥିଲା। ଟାଣଖରାକୁ



ଭକ୍ତମାନେ ଖାତିରି ନ କରି ଧାଡିରେ ଠିଆ ହୋଇ ଶନିଦେବଙ୍କୁ ଦର୍ଶନ କରି ଜଳ ଲାଗି କରିଥିଲେ। ସ୍ୱେଚ୍ଛା ସେବି ଅନୁଷ୍ଠାନ ପକ୍ଷରୁ ଭକ୍ତ ମାନଙ୍କୁ ଦହି, ପଣା, ବଣ୍ଟନ କରିଥିଲେ । ଯାଜପୁର ରୋଡ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ସହ ଶୃଙ୍ଖଳିତ ଦର୍ଶନ କରିବା ପାଇଁ ବ୍ୟବସ୍ଥା ମାନ କରା ଯାଇଥିଲା। ଜଣେ ଅତିରିକ୍ତ ଏସପି ଯାଜପୁର ରୋଡ ଏସଡିପି ଓ ଥାନା ଅଧିକାରୀ ସମେତ ଦୁଇ ପ୍ଲାଟୁନ ପୋଲିସ ମୃତୟନ ହୋଇଥିଲେ। ବିଧିବିଧାନ ଅନୁସାରେ ମହା ଯଜ୍ଞ ଅନୁଷ୍ଠିତ ହୋଇ ଥିଲା ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇ ଥିଲା । ସୁକିନ୍ଦାର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ଶନିଦେବଙ୍କ ଦର୍ଶନ କରିବା ସହିତ ଠାକୁରଙ୍କର ଆଶ୍ରିବାଦ ଭିକ୍ଷା କରିଥିଲେ ।କର୍ମଣୀ ଶ୍ରୋତୀୟ ବ୍ରାହ୍ମଣ ମାନଙ୍କ ମନ୍ତ୍ର ଧ୍ୱନି ଓ ଘଣ୍ଟ, ଶଙ୍ଖ ବାଦନରେ ଅଞ୍ଚଳରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ଶନିଦେବଙ୍କ ସାନିଧ ଲାଭ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସୁଯୋଗ ନେବାକୁ ଭକ୍ତଙ୍କୁ କମିଟ୍ ପକ୍ଷରୁ ନିବେଦନ କରାଯାଇଥିଲା । ଏହି ମହାନ ଅନୁଷ୍ଠାନରେ ଅକୁଣ୍ଠ ଚିତ୍ତରେ ସକ୍ରିୟ ଅଂଶ ଗ୍ରହଣ କରି ଭକ୍ତ ମାନେ ବିଭୁକୃପା ଲାଭ କରିଥିଲେ।

# ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କୁ ଝୁରୁଛି ସୁବର୍ଣ୍ଣପୁର

**ସୁବର୍ଣ୍ଣପୁରର, ନ୍ୟୁଜ ବ୍ୟୁରୋ**



ପ୍ରଜାବତ୍ସଳ ଓ ଦୃଷ୍ଟିସମ୍ପନ୍ନ ଶାସକ ମହାରାଜା ବିରମିତ୍ରୋଦୟ ସିଂହଦେଓଙ୍କ ୮୯ତମ ଶ୍ରାଦ୍ଧ ଦିବସ ଅବସରରେ ସମଗ୍ର ଅଞ୍ଚଳରେ ଗଭୀର ଶ୍ରଦ୍ଧା ଓ ସ୍ମୃତିର ପରିବେଶ ସୃଷ୍ଟି ହୋଇଛି। ୧୮୭୪ ମସିହା ଜୁଲାଇ ୮ ତାରିଖରେ ଜନ୍ମଗ୍ରହଣ କରିଥିବା ଏହି ମହାନ ଶାସକ ୧୯୦୨ ରୁ ୧୯୩୭ ପର୍ଯ୍ୟନ୍ତ ପ୍ରାୟ ୩୫ ବର୍ଷ ଧରି ସୁବର୍ଣ୍ଣପୁରକୁ ଏକ ସୁବର୍ଣ୍ଣ ଯୁଗରେ ପରିଣତ କରିଥିଲେ। ତାଙ୍କ ଶାସନକାଳ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ପରିବହନ କ୍ଷେତ୍ରରେ ଅପୂର୍ବ ଉନ୍ନତିର ସାକ୍ଷୀ ହୋଇଥିଲା। ଅନେକ ବିଦ୍ୟାଳୟ ସ୍ଥାପନ, ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା, ଆୟୁର୍ବେଦିକ ଚିକିତ୍ସାଳୟ ସୃଷ୍ଟି, କୃଷକମାନଙ୍କ ପାଇଁ ଶସ୍ୟାଗାର ଓ ଋଣ ସୁବିଧା ସେହି ସମୟରେ ଏହି ପଦକ୍ଷେପ ସବୁ ନିଶ୍ଚୟ ଅପୂର୍ବ ଥିଲା। ତାଙ୍କ ପ୍ରୟାସରେ କୁଟୀର ଓ ହସ୍ତଶିଳ୍ପର ଉନ୍ନତି ଘଟିଥିଲା, ଏବଂ ସୋନପୁରୀ ଶାଢ଼ୀ ଜାତୀୟ ପରିଚୟ ଅର୍ଜନ କରିଥିଲା। ମହାରାଜା କେବଳ ଜଣେ ପ୍ରଶାସକ ନୁହେଁ, ସେ ଜଣେ ସାହିତ୍ୟିକ ଓ ସଂସ୍କୃତିପ୍ରେମୀ ମଧ୍ୟ ଥିଲେ। ସେ ଅନେକ ସଂସ୍କୃତ ଓ ଓଡ଼ିଆ ଗ୍ରନ୍ଥ ରଚନା କରିଥିଲେ, ଯାହାକୁ କବିବର ରାଧାନାଥ ରାୟ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ମହାନ ସାହିତ୍ୟିକମାନେ ଭୂୟସୀ ପ୍ରଶଂସା କରିଥିଲେ। ସେହି ସହିତ ଅନେକ କବି ଓ ଲେଖକଙ୍କୁ ସହଯୋଗ କରି ତାଙ୍କ ରଚନା ପ୍ରକାଶ ପାଇବାରେ ମଧ୍ୟ ସେ ଅଗ୍ରଗାମୀ ଥିଲେ। ସର୍ବଧର୍ମ ସମଭାବ ଓ ସାମ୍ପ୍ରଦାୟିକ ସମ୍ମିଳନରେ ମହାରାଜା ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିଥିଲେ। ୧୯୩୭ ମସିହା ଏପ୍ରିଲ ୨୯ ତାରିଖରେ ସେ ସୋନପୁର ରାଜପ୍ରସାଦରେ ପରଲୋକଗମନ କରିଥିଲେ। ଆଜି ମଧ୍ୟ ସେ ଆଧୁନିକ ସୁବର୍ଣ୍ଣପୁରର ନିର୍ମାତା ଭାବେ ସ୍ମରଣୀୟ ଓ ପ୍ରେରଣାଦାୟକ। ତାଙ୍କ ଅମର ସ୍ମୃତି ପ୍ରତି କୋଟି କୋଟି ପ୍ରଣାମ।

# ବିଭିନ୍ନ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପରିସରରେ ଜାତୀୟ ପାୟତିରାଜ ଦିବସ ଅବସରରେ ଜିଲ୍ଲାସ୍ତରୀୟ ସମାରୋହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲ୍ଲାପରିଷଦ ସଭ୍ୟ ରାକେଶ କୁମାର ତ୍ରିପାଠୀ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅନ୍ତୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାଦେଶ ଓ ବିଭିନ୍ନ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗୋଷ୍ଠୀ ନିବେଶ ରାଶି ଓ ବ୍ୟକ୍ତିଗତ ପାଇଖାନା ପାଇଁ ପ୍ରତୀକାତ୍ମକ ଚେକ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ଜନପ୍ରତିନିଧି, ଜନସାଧାରଣ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ସଦସ୍ୟା ବହୁସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ । ସମାରୋହରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ।



# ଜନାର୍ଦ୍ଦନପୁର ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ

**ନିଶ୍ଚିନ୍ତକୋଇଲି,ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁର ଠାରେ ପ୍ରସିଦ୍ଧ ଶନିଶ୍ଚର ମହାଯଜ୍ଞ ଓ ଜଳାଭିଷେକ ଅନୁଷ୍ଠିତ ହୋଇଯାଇଛି। ଶନିଶ୍ଚର ମହାଯଜ୍ଞ କମିଟିର ତତ୍ତ୍ୱାବଧାରକ ଗୋଲକ ଚନ୍ଦ୍ର ପରିଡା, ସଭାପତି କେଶବ ଚନ୍ଦ୍ର ବେହେରା, ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ମାନଙ୍କ ତତ୍ତ୍ୱାବଧାନ ରେ ଚଳିତବର୍ଷ ଶନିଶ୍ଚରଯଜ୍ଞ ଓ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯଜ୍ଞ ତିନିଦିନ ଅନୁଷ୍ଠିତ ହୋଇଥିଲା ବେଳେ ଶନିବାର ଭୋର ୫ ଟା ରୁ ଜଳାଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପବିତ୍ର ଚିତ୍ରୋତ୍ପଳା ନଦୀରୁ ଭକ୍ତ ମାନେ କଳସିରେ ଜଳ ଆଣି ଶନିଦେବଙ୍କୁ ଜଳାଭିଷେକ କରିଥିଲେ । ଯାତ୍ରାରେ ଉଠା ଦୋକାନୀମାନଙ୍କ ଦ୍ୱାରା ବିଭିନ୍ନ ଦ୍ରବ୍ୟର କିଣାବିକା ଚାଲିଥିଲା । ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ଏହି ଯାତ୍ରାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା । ପ୍ରଶାସନ ଓ ପୋଲିସ ପକ୍ଷରୁ ଶୃଙ୍ଖଳା ରକ୍ଷା ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଶନି ମଣ୍ଡପ ରେ ପହଂଚି ଉତ୍ସବ ପରିଦର୍ଶନ କରିଥିଲେ । ଜନାର୍ଦ୍ଦନ ପୁର ନବଗ୍ରହ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ଶୃଙ୍ଖଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଶାସନ ଓ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

# ଏମଏସସିବି ବିଶ୍ୱବିଦ୍ୟାଳୟରେ ସବୁଜ କ୍ୟାମ୍ପସ ଏବଂ ଉଦ୍ୟୋଗିକତା ଉପରେ ଅଧିବେଶନ

**ବାରିପଦା,ନ୍ୟୁଜ ବ୍ୟୁରୋ**

ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ (ଏମଏସସିବି) ବିଶ୍ୱବିଦ୍ୟାଳୟ ଠାରେ ପିଏମ-ଉଷା ପ୍ରାୟୋଜିତ ଏକଦିବସୀୟ 'ଏମଏସସିବିୟୁ କନେକ୍ଟ' ଅଧିବେଶନ ଆୟୋଜନ କରିଛି। ସକାଳ ୧୧:୦୦ ଘଟିକାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ଥିଲା, 'ସ୍ୱପ୍ନ ଦେଖନ୍ତୁ, ନିର୍ମାଣ କରନ୍ତୁ, ଅନୁପ୍ରାଣିତ କରନ୍ତୁ: ସବୁଜ କ୍ୟାମ୍ପସରୁ ଉଦ୍ୟୋଗିକ ଯାତ୍ରା ପର୍ଯ୍ୟନ୍ତ ଏହି ଅଧିବେଶନରେ ବିଶିଷ୍ଟ ବକ୍ତାମାନେ ଉପସ୍ଥିତ ଥିଲେ, ଯେଉଁମାନେ ଶୈକ୍ଷିକ ପରିବେଶ ଏବଂ ବାସ୍ତବ ଦୁନିଆର ବୈଜ୍ଞାନିକ ଉଦ୍ୟୋଗ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିଥିଲେ। କାର୍ଯ୍ୟକ୍ରମର ଆବାହିକା ଡଃ କୁକୁ ମହାପାତ୍ର ଅତିଥିମାନଙ୍କୁ




ସ୍ୱାଗତ କରିବା ସହ ସେମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏମଏସସିବି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏକ ସବୁଜ କ୍ୟାମ୍ପସର ବିକାଶ, ସ୍ଥାୟୀତ୍ୱ ଏବଂ ମହତ୍ତ୍ୱ ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଭାଷଣ ପ୍ରଦାନ କରିଥିଲେ।

ଏହାପରେ, ବିଶିଷ୍ଟ ରସାୟନ ବିଜ୍ଞାନୀ ତଥା ଡକ୍ଟର ଶେଷ କିଷାନ ଫାର୍ମାର ପ୍ରତିଷ୍ଠାତା ଏବଂ ସିଇଓ ଡଃ ଶେଷ କିଷାନ 'ଏକ ଦୂରଦୃଷ୍ଟିର ନିର୍ମାଣ: ଲାବୋରେଟୋରୀରୁ ବଜାର ପର୍ଯ୍ୟନ୍ତ ବିଷୟ ଉପରେ ତାଙ୍କର ବ୍ୟାବହାରିକ ଏବଂ ପ୍ରେରଣାଦାୟକ ବକ୍ତବ୍ୟ ଦ୍ୱାରା ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ତାଙ୍କର ଉପସ୍ଥାପନା ଶ୍ରୋତାମାନଙ୍କୁ ଏକ ବାସ୍ତବ ଉଦାହରଣ ପ୍ରଦାନ କରିଥିଲା ଯେ କିପରି ଶୈକ୍ଷିକ ଭିତ୍ତିଭୂମି ଏବଂ ବୈଜ୍ଞାନିକ ଗବେଷଣାକୁ ସଫଳତାର ସହିତ ପ୍ରଭାବଶାଳୀ, ବାସ୍ତବିକ ବ୍ୟାବସାୟିକ ସମାଧାନରେ ପରିଣତ କରାଯାଇପାରିବ। ବକ୍ତବ୍ୟ ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଛାତ୍ରଛାତ୍ରୀ, ଗବେଷକ ଏବଂ ଅଧ୍ୟାପକମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମଏସସିବି ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଅଧ୍ୟାପକ, ଛାତ୍ରଛାତ୍ରୀ ତଥା ଗବେଷକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଆବଶ୍ୟକ ସହଯୋଗ ପ୍ରଦାନ କରିଥିବାରୁ ବିଶ୍ୱବିଦ୍ୟାଳୟର ପିଏମ-ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାଏକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ବୌଦ୍ଧ ଜିଲ୍ଲାରେ ସିଏମ୍ ଟ୍ରଫି ଉଦ୍‌ଯାପିତ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲାରେ ଗତ ଅପ୍ରେଲ ୧୦ ତାରିଖରୁ ଆରମ୍ଭ ହୋଇଥିବା ସିଏମ୍‌ଟ୍ରଫି କ୍ରୀଡା ମହୋତ୍ସବ ସଫଳତାର ସହ ଶୁକ୍ରବାର ୨୪ ତାରିଖ ସନ୍ଧ୍ୟାରେ ସଂପନ୍ନ ହୋଇଯାଇଛି । ଏହି ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଫୁଟବଲ, କବାଡି, ଖୋଖୋ ଓ ଭଲିବଲ୍ ଭଳି ମୋଟ ୪ଟି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡା ମହୋତ୍ସବରେ ପ୍ରତ୍ୟେକ ଖେଳରେ ବାଳକ ବର୍ଗର ୧୦ଟି ଏବଂ ବାଳିକା ବର୍ଗର ୬ଟି ଟିମ ଅଂଶଗ୍ରହଣ କରିଥିଲେ। ଏହି କ୍ରୀଡା ଆୟୋଜନକୁ ବୌଦ୍ଧ ଜିଲ୍ଲା ଏଥଲେଟିକ ଆସୋସିଏସନ ଓ ଜିଲ୍ଲା ପ୍ରଶାସନ ମିଳିତଭାବେ ପରିଚାଳନା କରିଥିଲେ। ଜିଲ୍ଲାର କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ତଥା ଜିଲ୍ଲାର ବିଭିନ୍ନ କ୍ରୀଡ଼ାବିତମାନେ ଏହି ଟୁର୍ଣ୍ଣାମେର ସଫଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । କବାଡି ପ୍ରତିଯୋଗିତାରେ (ବାଳକ) ବର୍ଗରେ ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ ଚମ୍ପିୟାନ ହୋଇଥିବାବେଳେ ରନଓର୍ସଅପ ହରଭଙ୍ଗା ବ୍ଲକ, ବାଳିକା ବର୍ଗରେ ହରଭଙ୍ଗା ବ୍ଲକ ଚମ୍ପିୟାନ ହୋଇଥିବାବେଳେ ରନର୍ସଅପ କଣ୍ଟାମାଳ ବ୍ଲକ ହୋଇଥିଲା । ସେହିପରି ଭଲିବଲ (ବାଳକବର୍ଗ)ରେ ଚମ୍ପିୟାନ ମଣିପୁର ଆଦର୍ଶ ବିଦ୍ୟାଳୟ ହୋଇଥିବାବେଳେ ରନର୍ସଅପ - ରାମଗଡ଼ ହାଇସ୍କୁଲ, ବାଳିକା ବର୍ଗରେ ଚମ୍ପିୟାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଡ଼ବନ୍ଧ ହୋଇଥିବାବେଳେ ରନର୍ସଅପ ହରଭଙ୍ଗା ବ୍ଲକ ହୋଇଥିଲା। ଖୋଖୋ ବାଳକ ବର୍ଗରେ ସରକାରୀ ଅପର ପ୍ରାଇମେରୀ ସ୍କୁଲ ଲୋକାପଡା ଚମ୍ପିୟାନ ହୋଇଥିବାବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରନର୍ସଅପ ବାଳିକା ବିଭାଗରେ ଚମ୍ପିୟାନ ହରଭଙ୍ଗା ବ୍ଲକ୍ ହୋଇଥିବାବେଳେ ରନର୍ସଅପ କାମାଳ ଦଳ ହୋଇଥିଲେ। ଫୁଟବଲ ବାଳକ ବର୍ଗରେ ଚମ୍ପିୟାନ



- ଭିଏସଏସ ମନୁପାଲି ଏବଂ ରନର୍ସଅପ ହରଭଙ୍ଗା ବ୍ଲକ ହୋଇଥିବାବେଳେ ବାଳିକା ବିଭାଗରେ ଚମ୍ପିୟାନ - ସିଜିଏଚଏସ ବଡ଼ବନ୍ଧ ଏବଂ ରନର୍ସଅପ ହରଭଙ୍ଗା ବ୍ଲକ ଦଳ ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ତଥା ସାଧାରଣ ସମ୍ପାଦକ ବୌଦ୍ଧ ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍ ଯୁଗଳ କିଶୋର ସାମଲ, ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତିରନ ଭୁଏ, ବରିଷ୍ଠ କ୍ରୀଡ଼ାବିତ ଶ୍ୟାମସୁନ୍ଦର ମହାପାତ୍ର, କାର୍ଯ୍ୟକାରୀ ସଭାପତି ଆଥଲେଟିକ୍ ଆସୋ ସିଏସନ୍ ଦିବ୍ୟରନ ପଟ୍ଟନାୟକ ଉପସ୍ଥିତ ଥିଲେ । ଅତିଥିମାନେ ବିଜେତା ଓ ଉପ-ବିଜେତା ଦଳମାନଙ୍କୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସମସ୍ତ ଖେଳାଳୀଙ୍କୁ ମୁଖ୍ୟଅତିଥି ସମ୍ମାନୀତ କରିବାସହ ଭବିଷ୍ୟତରେ ଆହୁରି ଉତ୍କୃଷ୍ଟ କ୍ରୀଡା ପ୍ରଦର୍ଶନ ପାଇଁ ଆଶୀର୍ବଚନ ଦେଇଥିଲେ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଅପ୍ରେଲ ୨୦୨୬ ବୁଧବାର



# ପିଏମ ମୋଦୀ ମଧ୍ୟ ଖାଦ୍ୟରେ ସାମିଲ କରନ୍ତି କଞ୍ଚା ପିଆଜ, ଜାଣନ୍ତୁ ଏହାକୁ ଖାଇବା ଦ୍ୱାରା ଶରୀରକୁ କ'ଣ ମିଳିଥାଏ ଲାଭ




ପଶ୍ଚିମବଙ୍ଗ ଗସ୍ତ ସମୟରେ,ଏକ ବ୍ୟସ୍ତବହୁଳ ନିର୍ବାଚନୀ ରାଲି ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରଗ୍ରାମରେ ଝାଲମୁଡି ଖାଇବା ପାଇଁ ଅଟକିଥିଲେ, ଯାହାକି ପରେ ଏହା ତାଙ୍କ ଲୋକପ୍ରିୟତାକୁ ଏକ ଜୋରଦାର ମାଇଲେଜ୍ ଦେଇଛି। ଦୋକାନୀ ଜଣକୁ ଝାଲମୁଡି ମାଗିବା ସମୟରେ ସେହି ଦୋକାନୀ ତାଙ୍କୁ ପଚାରିଲେ ଯେ ସେ ପିଆଜ ଖାଆନ୍ତି କି ? ଯାହାର ଉତ୍ତରରେ ସେ ହସି ହସି କହିଲେ, 'ହଁ, ମୁଁ ଖାଇଥାଏ। ଏହି ସଂକ୍ଷିପ୍ତ ଆଲୋଚନା ଏବେ ଆକର୍ଷଣୀୟ ଆଲୋଚନାର ବିଷୟ ପାଲଟିଛି । ଏବେ ଆସନ୍ତୁ ଜାଣିବା ପିଆଜର ଉପକାରିତା। ପିଆଜ ଭାରତୀୟ ଖାଦ୍ୟର ଏକ ଅତ୍ୟାବଶ୍ୟକୀୟ ଅଂଶ। ଏହା ପନିପରିବା, ସାଲାଡ କିମ୍ବା ଚଟଣି ହେଉ, ଏହା ବିନା ଏହାର ସ୍ୱାଦ ଅସମ୍ପୂର୍ଣ୍ଣ। ଅନେକ ଲୋକ ଏହାକୁ କଞ୍ଚା ଖାଇବାକୁ ପସନ୍ଦ କରନ୍ତି, କିନ୍ତୁ ପ୍ରଶ୍ନ ହେଉଛି, କଞ୍ଚା ପିଆଜ ସ୍ୱାସ୍ଥ୍ୟ ପାଇଁ ଭଲ କି ? ଉତ୍ତର ହଁ, କିନ୍ତୁ ସୀମିତ ପରିମାଣରେ। ଆସନ୍ତୁ ଏହାର ଲାଭ ବିଷୟରେ ଏବେ ଜାଣିବା । ସ୍ୱାସ୍ଥ୍ୟ ସୂଚନା ଦେଉଥିବା ନେଟମେଡସର ଏକ ରିପୋର୍ଟ ଅନୁଯାୟୀ, କଞ୍ଚା ପିଆଜରେ ଭିଟାମିନ ସି, ଭିଟାମିନ ବି ୬, ଫୋଲେଟ୍ ଏବଂ ପୋଟାସିୟମ ଭଳି ଆବଶ୍ୟକୀୟ ପୁଷ୍ଟିକର ତତ୍ତ୍ୱ ରହିଛି, ଯାହା ଶରୀରକୁ ଶକ୍ତି ପ୍ରଦାନ କରେ। ଏହା ବ୍ୟତୀତ, ଏଥିରେ କ୍ୟାଲୋରି କମ୍ ଥାଏ, ଯାହା ଏହାକୁ ଖାଦ୍ୟରେ ସାମିଲ କରିବା ପାଇଁ ଏକ ଭଲ ବିକଳ୍ପ କରିଥାଏ। ପିଆଜ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ, ବିଶେଷକରି କ୍ୱେର୍ସେଟିନ୍, ଶରୀରକୁ ସଂକ୍ରମଣ ସହିତ ଲଢ଼ିବା ଏବଂ ପ୍ରଦାହ କମ କରିବାରେ ସାହାଯ୍ୟ କରେ। ଏହି କାରଣରୁ ନିୟମିତ ଭାବରେ ଅଳ୍ପ ପରିମାଣରେ କଞ୍ଚା ପିଆଜ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ଉନ୍ନତ ହୋଇପାରେ।

ପିଆଜକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହାର ଉପାଦାନ ଗୁଡ଼ିକ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ, ରକ୍ତଚାପକୁ ସନ୍ତୁଳିତ କରିବାରେ ଏବଂ ରକ୍ତ ସଞ୍ଚାଳନକୁ ଉନ୍ନତ କରିବାରେ ସାହାଯ୍ୟ କରିପାରେ। ଏହା ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କା ହ୍ରାସ କରେ। କଞ୍ଚା ପିଆଜ ଏକ ସୁସ୍ଥ ପାଚନ ପ୍ରଣାଳୀ ବଜାୟ ରଖିବାରେ ମଧ୍ୟ ପ୍ରଭାବଶାଳୀ। ଏଥିରେ ଥିବା ପ୍ରିବାୟୋଟିକ୍ ଫାଇବର ଅନ୍ତନଳୀରେ ଥିବା ଭଲ ବ୍ୟାକ୍ଟେରିଆକୁ ପୋଷଣ କରେ, ଯାହା ଗ୍ୟାସ୍, ବଦହଜମୀ ଏବଂ ପେଟ ଫୁଲିବା ଭଳି ସମସ୍ୟାରୁ ମୁକ୍ତି ଦେଇପାରେ। ଏହାକୁ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ବୋଲି ବିବେଚନା କରାଯାଏ, ଯାହା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ହୋଇପାରେ।

ତଥାପି, ଅନ୍ୟ ସବୁକିଛି ପରି, ଅତ୍ୟଧିକ ସେବନ ମଧ୍ୟ କ୍ଷତିକାରକ ହୋଇପାରେ। କଞ୍ଚା ପିଆଜ ଅଧିକ ପରିମାଣରେ ଖାଇବା ଦ୍ୱାରା କିଛି ଲୋକଙ୍କର ଗ୍ୟାସ୍, ପେଟ ପୋଡ଼ିବା କିମ୍ବା ପାଟିରୁ ଦୁର୍ଗନ୍ଧ ବାହାରିପାରେ। କିଛି କ୍ଷେତ୍ରରେ ଆଲର୍ଜିକିମ୍ବା ଔଷଧ ପାର୍ଶ୍ୱକ୍ରିୟା ମଧ୍ୟ ଦେଖାଯାଇପାରେ। ତେଣୁ, ଏହାକୁ ସୀମିତ ପରିମାଣରେ ସେବନ କରିବା ଭଲ ।

# ସାଇଲେଣ୍ଟ୍ କିଲର୍ ପରି କାମ କରୁଛି ସ୍ମାର୍ଟଫୋନ୍, ଶରୀର ଉପରେ ପକାଉଛି ଏମିତି ପ୍ରଭାବ



ଆଜିର ଭାରତର ସ୍ୱାସ୍ଥ୍ୟ ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ। କେଉଁଠି ସୁଗାର ସମସ୍ୟା ତ ଆଉ କେଉଁଠି ହୃଦରୋଗ। କେଉଁଠି ଥାଇରଏଡ୍, ଆର୍ଥ୍ରାଇଟିସ୍ ସମସ୍ୟା ଆଉ କେଉଁଠି ଷ୍ଟ୍ରୋକର ଭୟ । ସବୁଠାରୁ ବଡ଼ କଥା ହେଉଛି ଏବେ ରୋଗ ବୟସ ଦେଖିକି ଆସୁନାହିଁ ବରଂ ଜୀବନଶୈଳୀ ଆଧାରରେ ଆକ୍ରମଣ କରୁଛି। ପ୍ରାୟ ୧୦ ବର୍ଷ ପୂର୍ବେ, ଯେଉଁଠାରେ ୧୬-୧୭% ଲୋକଙ୍କ ମଧ୍ୟରେ ହୃଦରୋଗ ରିପୋର୍ଟ କରାଯାଉଥିଲା, ତାହା ୨୦୨୫ ରେ ୨୫% ରୁ ଅଧିକ ହୋଇଯାଇଛି। ମେଟାବୋଲିକ୍ ଏବଂ ଏଣ୍ଡୋକ୍ରାଇନ୍ ସମସ୍ୟା ଅର୍ଥାତ୍ ମଧୁମେହ, ଥାଇରଏଡ୍, ମୋଟାପଣ ଭଳି ସମସ୍ୟା ୧୫% ରୁ ବୃଦ୍ଧି ପାଇ ୨୪%ରୁ ଅଧିକ ହୋଇଛି। ଦେଶରେ ସଂକ୍ରମଣ ହାର ହ୍ରାସ ପାଉଛି, କିନ୍ତୁ ଜୀବନଶୈଳୀ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଏବଂ ୪୦ ବର୍ଷ ବୟସ ପରେ ଏହି ବିପଦ ଅଧିକ ଦୃଶ୍ୟମାନ ହେଉଛି। କିନ୍ତୁ ପ୍ରଶ୍ନ ହେଉଛି, ଜୀବନଶୈଳୀକୁ କିଏ ନଷ୍ଟ କରୁଛି ? ଏହାର ଉତ୍ତର ହେଉଛି ଆମ ପକେଟରେ ଥିବା ଏହି ସ୍ମାର୍ଟଫୋନ୍। ଏକ ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ, ଭାରତୀୟମାନେ ସ୍କ୍ରିନ୍ ଦେଖିବାରେ ୧.୧ ଟ୍ରିଲିୟନ ଘଣ୍ଟା ଅର୍ଥାତ୍ ଏକ ଲକ୍ଷ ଦଶ ହଜାର କୋଟି ଘଣ୍ଟା ବିତାଇଛନ୍ତି। ଏହାର ଅର୍ଥ ହେଉଛି ଯେ ହାରାହାରି ପ୍ରତ୍ୟେକ ବ୍ୟକ୍ତି ପ୍ରତିଦିନ ଫୋନରେ ୫ ଘଣ୍ଟା ବିତାଇଛନ୍ତି, ଏବଂ ଏଥିରେ ପ୍ରାୟ ୭୦% ସୋସିଆଲ ମିଡିଆ, ଗେମିଂ ଏବଂ ଛୋଟ ଭିଡିଓରେ ନଷ୍ଟ କରିଛନ୍ତି। ଯାହାଦ୍ୱାରା ଲୋକଙ୍କ ନିଦ, ମସ୍ତିଷ୍କ, ଅନ୍ତନଳୀ ସ୍ୱାସ୍ଥ୍ୟ ଏବଂ ହରମୋନ ପ୍ରଣାଳୀ ଦ୍ରୁତ ଗତିରେ ଖରାପ ହେଉଛି। ରାତିରେ ସ୍କ୍ରିନରୁ ଆସୁଥିବା ନୀଳ ଆଲୋକ ଶରୀରରେ ପ୍ରଦାହ ମାର୍କରଗୁଡ଼ିକୁ ସକ୍ରିୟ କରିଥାଏ। ଏବଂ ଖରାପ ନିଦ, ନିରନ୍ତର ଅଧିକ ସ୍କ୍ରୋଲିଂ ମସ୍ତିଷ୍କକୁ ଉତ୍ତେଜିତ କରିଥାଏ, ଏବଂ ନୋଟିଫିକେସନ୍ ଡୋପାମିନ୍ ନିଶା ସୃଷ୍ଟି କରିଥାଏ। ଫଳସ୍ୱରୂପ, ଛୋଟ ଛୋଟ ଆନନ୍ଦ ପାଇଁ ମଧ୍ୟ ମସ୍ତିଷ୍କକୁ ଧୀରେ ଧୀରେ ଅଧିକ ଉତ୍ତେଜନା ଆବଶ୍ୟକ ହୁଏ। ସ୍ମାର୍ଟଫୋନରୁ ନିର୍ଗତ ନୀଳ ଆଲୋକ ନିଦ ବ୍ୟାଘାତକାରୀର ସବୁଠାରୁ ବଡ଼ କାରଣ। ନୀଳ ଆଲୋକ ଆମ ମସ୍ତିଷ୍କକୁ ସଙ୍କେତ ଦିଏ ଯେ ଏବେ ଦିନ ଅଛି। ଏହା ମେଲାଟୋନିନ୍ ଉତ୍ପାଦନକୁ ବାଧା ଦିଏ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଫୋନ ବ୍ୟବହାର କରିବା ଦ୍ୱାରା ଆମ ଶରୀରର ଆଭ୍ୟନ୍ତରୀଣ ଜୈବିକ ଘଣ୍ଟା ବ୍ୟାହତ ହୁଏ, ଯାହା ଗଭୀର ନିଦକୁ ବାଧା ଦିଏ।

ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସତ କି, ଫୋନ୍ ଏବଂ ଆମ ପେଟ ମଧ୍ୟରେ ଏକ ଦୃଢ଼ ସମ୍ପର୍କ ଅଛି। ଖାଇବା ସମୟରେ ଫୋନ୍ କୁ ଚାହିଁ ରହିବା ଦ୍ୱାରା ଖରାପ ଭାବରେ ଚୋବାଇବା ଏବଂ ଅତ୍ୟଧିକ ଖାଇବା ହୋଇପାରେ, ଯାହା ହଜମ ଏବଂ ଓଜନ ବୃଦ୍ଧି କରିଥାଏ। ଚାପ ଏବଂ ଚିନ୍ତା ସିଧାସଳଖ ଆମ ଅନ୍ତନଳୀର ମାଇକ୍ରୋବାୟୋମକୁ ପ୍ରଭାବିତ କରେ, ଯାହା ଗ୍ୟାସ୍ ଏବଂ ଫୁଲିବା ଭଳି ସମସ୍ୟା ସୃଷ୍ଟି କରିପାରେ।

ସ୍ମାର୍ଟଫୋନ୍ର ସବୁଠୁ ଅଧିକ ପ୍ରଭାବ ମସ୍ତିଷ୍କ ଉପରେ ପଡ଼ିଥାଏ। ସୋସିଆଲ ମିଡିଆର ବିଜ୍ଞପ୍ତି ଏବଂ 'ଲାଇକ୍' ମସ୍ତିଷ୍କରେ ଡୋପାମିନ୍ ରିଲିଜ୍ କରେ। ଏହା ଏକ ନିଶା ଭାବରେ କାର୍ଯ୍ୟ କରେ, ଯାହା ଫଳରେ ଏକାଗ୍ରତା କମିଯାଏ ଏବଂ ଚିନ୍ତା ବଢ଼ିଯାଏ।

# ଏକାମ୍ରେଶ୍ୱର



ଶ୍ରୀଲୋକନାଥଙ୍କୁ ଦର୍ଶନ କଲାପରେ ଶ୍ରୀକ୍ଷେତ୍ର ପରିଭ୍ରମଣ କରି ରାମଚନ୍ଦ୍ର ମାର୍କଣ୍ଡେଶ୍ୱର, କପାଳମୋଚନ, ବାଲୁଙ୍କେଶ୍ୱର, ନୀଳକଣ୍ଠ ଆଦିଙ୍କୁ ଦର୍ଶନ କରି ପୁଣ୍ୟତୋୟା ଭାର୍ଗବୀ ନଦୀ ପାର ହୋଇ ଏକାମ୍ରକାନନରେ ପହଞ୍ଚିଲେ ଏବଂ ସେଠାରେ ବିନ୍ଦୁସାଗରରେ ସ୍ନାନ କଲେ। ସୀତା ଏହି ସୁନ୍ଦର କାନନ, ବିନ୍ଦୁସାଗର ତଥା ପୂଜିତ ଶିବଲିଙ୍ଗଙ୍କ ସଂପର୍କରେ ଜାଣିବାକୁ ଉତ୍ସାହ ପ୍ରକାଶ କରିବାରୁ ଶ୍ରୀରାମ ଏହି କ୍ଷେତ୍ର ସଂପର୍କରେ ଯେଉଁ ତଥ୍ୟ ପ୍ରଦାନ କରିଥିଲେ ତାହା ଏହିପରି।

ଏହି କ୍ଷେତ୍ରର ନାମ ଏକାମ୍ର ଚକ୍ରକ୍ଷେତ୍ର। କାରଣ ଏହି କାନନରେ ଗୋଟିଏ ଆମ୍ରତରୁ ଚକ୍ରାକାର ହୋଇ ଏକ ବିଶାଳ ବନଭୂମି ସୃଷ୍ଟି କରିଛି। ଏହାର ଅନ୍ୟ ଏକ ନାମ ଗୁପ୍ତକାଶୀ। କୈଳାସ ପରେ ଶିବଙ୍କର ପ୍ରିୟ କ୍ଷେତ୍ର ଥିଲା କାଶୀ। ମାତ୍ର ଏହି ସ୍ଥାନ ତାହାଠାରୁ ମଧ୍ୟ ପ୍ରିୟ। ଦେବୀ ସୀତାଙ୍କର ମୃତ୍ୟୁ ପରେ ଦେବୀ ମହାମାୟା ପୁନଶ୍ଚ ପର୍ବତରାଜ ହିମାଳୟଙ୍କ କନ୍ୟା ପାର୍ବତୀ ଭାବରେ ଜନ୍ମଗ୍ରହଣ କରି ଶିବଙ୍କୁ ବିବାହ କଲେ। ବିବାହ ପରେ ପାର୍ବତୀ ପିତ୍ରାଳୟ (କୈଳାସ)ରେ ରହିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଶିବ ତାଙ୍କୁ ଆଣି କାଶୀରେ ରହିଲେ। କିନ୍ତୁ କାଶୀକ୍ଷେତ୍ର କ୍ରମଶଃ ଜନାକୀର୍ଣ୍ଣ ହେବାରୁ ସେମାନଙ୍କର ଯୋଗ ଓ ଧ୍ୟାନ ସମ୍ଭବ ହେଲା ନାହିଁ। ଏଥିରେ ପାର୍ବତୀ ବ୍ୟଥିତ ହେବାରୁ ଶିବ ପାର୍ବତୀଙ୍କୁ ଏକ ଉତ୍ତମ ସ୍ଥାନର ସନ୍ଧାନ କରିବେ ବୋଲି କହିଲେ। ସେ କହିଲେ- ଦକ୍ଷିଣ ସମୁଦ୍ରତଟରେ ଏକ ବିଶାଳ ଆମ୍ରବୃକ୍ଷ ଦ୍ୱାରା ପରିଶୋଭିତ ଏକ କାନନ ରହିଛି। ଏହି ଆମ୍ରବନ ମଧ୍ୟରେ ସ୍ଫଟିକ ଓ ବୈଦୁର୍ଯ୍ୟ ମଣିରେ ଉଦ୍ଭାସିତ ମୋର ଏକ ଶିବଲିଙ୍ଗ ଅଛି। ଏହି ଲିଙ୍ଗର ଊର୍ଦ୍ଧ୍ୱଭାଗ ପଦ୍ମରାଗ ମଣିଦ୍ୱାରା ବିମଣ୍ଡିତ ହୋଇଥିବାରୁ ଏଥିରୁ ଜ୍ୱଳନ୍ତ ଅଗ୍ନି ସଦୃଶ ତେଜ ନିର୍ଗତ ହେଉଛି। ସେହି ତେଜସମୂହ ଦ୍ୱାରା ଦିଗବିଦିଗ ଉଦ୍ଭାସିତ ହେଉଛି। ସେହି ସ୍ଥାନ ଅତ୍ୟନ୍ତ ମୁକ୍ତିପ୍ରଦ। ଏହା ଜାଣି ପାର୍ବତୀ ପ୍ରଥମେ ସ୍ଥାନଟିକୁ ଦେଖିବା ପାଇଁ ଆସିଲେ। ଆମ୍ରକାନନ ତାଙ୍କୁ ଅତ୍ୟନ୍ତ ଆକୃଷ୍ଟ କଲା। କିନ୍ତୁ ବନ ମଧ୍ୟରେ ଶିବଲିଙ୍ଗଙ୍କୁ ନ ପାଇ ସେ ବ୍ୟଥିତ ହୋଇ ନିକଟରେ ଥିବା ଗୋପାଳବସ୍ତିର ରମଣୀମାନଙ୍କୁ ଦେଖି ସେହି ରୂପ ନେଇ ସେ ସମଗ୍ର ବନ ପରିଭ୍ରମଣ କଲେ।

ପାର୍ବତୀ ଦେଖିଲେ, ପ୍ରତ୍ୟେକ ଦିନ ଗୋ ଗୋଷ୍ଠରୁ ଏକ ଗାଈ ଏକ ନିକାଞ୍ଚନ ଜାଗାକୁ ଯାଇ ଥନରୁ କିଛି କ୍ଷୀର ସେଠାରେ ସ୍ରବଣ କରି ଫେରି ଯାଉଛି। ଏକାଧିକ ବାର ଏହା ଦେଖି ପାର୍ବତୀ ସେହି ସ୍ଥାନକୁ ଯାଇ ମାଟି ଓ ଲତା ପତ୍ର ଆଦିକୁ ପରିଷ୍କାର କରିବାରୁ ଏକ ଦିବ୍ୟଲିଙ୍ଗଙ୍କର ଦର୍ଶନ ପାଇଲେ। ସେ ଆନନ୍ଦିତ ହୋଇ ସେହି ଦିବ୍ୟଲିଙ୍ଗଙ୍କର ପୂଜନ କଲେ। ପାର୍ବତୀ ଯେଉଁ ଦିବ୍ୟଲିଙ୍ଗଙ୍କର ପୂଜନ କରିଥିଲେ ସେହି ଦିବ୍ୟଲିଙ୍ଗ ଏକାମ୍ରେଶ୍ୱର ଭାବରେ ଖ୍ୟାତ ହେଲେ। ପରବର୍ତ୍ତୀ କାଳରେ ସେହି ଲିଙ୍ଗ ହେଲେ ଲିଙ୍ଗରାଜ, ଭୁବନେଶ୍ୱର। ସମଗ୍ର ଭାରତରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ରହିଥିଲେ ମଧ୍ୟ ଏହା ସେମାନଙ୍କ ମଧ୍ୟରେ ଗଣ୍ୟ ନୁହେଁ, କାରଣ ଏହି ଲିଙ୍ଗ ସେମାନଙ୍କଠାରୁ ଶ୍ରେଷ୍ଠ ହୋଇଥିବାରୁ ଏହାଙ୍କର ନାମ ଲିଙ୍ଗରାଜ। ଶ୍ରୀରାମଙ୍କଠାରୁ ଏକାମ୍ରେଶ୍ୱରଙ୍କ ସଂପର୍କରେ ଶୁଣି ସୀତା ଅତ୍ୟନ୍ତ ପ୍ରୀତ ହେଲେ। ସେ ପୁନଶ୍ଚ ଏହି କ୍ଷେତ୍ରରେ ଥିବା ତୀର୍ଥ, ଶିବଲିଙ୍ଗ ତଥା ପୁଣ୍ୟପ୍ରଦା ଓ ପାପନାଶିନୀ ବିନ୍ଦୁ ସରୋବର ସଂପର୍କରେ ଜାଣିବାକୁ ଚାହିଁବାରୁ ରାମଚନ୍ଦ୍ର ସେ ସଂପର୍କରେ ସୀତାଙ୍କୁ ଜଣାଇ ଥିଲେ।

# ମୁଣ୍ଡ ବିନ୍ଧା ହେଉଛି କି ? ଚେକ୍ କରନ୍ତୁ ଶରୀରରେ କମି ଯାଇଥିବ ସୋଡିୟମ୍

ଖାଦ୍ୟରେ ସୋଡିୟମ୍ର ମାତ୍ରା କମ୍ କରିବା ସ୍ୱାସ୍ଥ୍ୟକର ନିଶ୍ଚୟ । କିନ୍ତୁ ଲଗାତାର ଲୋ ସୋଡିୟମ୍ ଡାଏଟ୍ ନେବା ଶରୀର ପାଇଁ କ୍ଷତିକାରକ ହୋଇପାରେ । ମାଂସପେଶୀର ସକ୍ରିୟତା, ରକ୍ତଚାପ ଓ ଶରୀରରେ ପାଣିର ସନ୍ତୁଳନ ପାଇଁ ସୋଡିୟମ୍ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅଧିକାଂଶ ଲୋକଙ୍କୁ ଏକଥା ଜଣା ଯେ ଅଧିକ ଲୁଣ ଶରୀର ପାଇଁ କ୍ଷତିକାରକ । କିନ୍ତୁ ଲଗାତାର ଲୋ ସୋଡିୟମ୍ ? ଖାଦ୍ୟ ଖାଇବା ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ । ବିଶେଷକରି ବୟସ୍କ ଲୋକଙ୍କ ପାଇଁ। ଏହି ସମସ୍ୟାକୁ ହାଇପୋନାଟ୍ରେମିଆ କୁହାଯାଏ । ଚାଲନ୍ତୁ ଜାଣିବା କମ୍ ସୋଡିୟମ୍ ଯୋଗୁ ଶରୀରକୁ କେମିତି କ୍ଷତି ପହଞ୍ଚିଥାଏ । ଏହାର ଲକ୍ଷଣ କ'ଣ ଓ କେମିତି କରିପାରିବେ ସନ୍ତୁଳନ ରକ୍ଷା । ମୁଣ୍ଡବିନ୍ଧା, ମାଂସପେଶୀରେ ଯନ୍ତ୍ରଣା ଓ ଭ୍ରମ ସୃଷ୍ଟି ହୋଇଥାଏ । ଏହାର ସବୁଠାରୁ ବଡ଼ କାରଣ ହେଉଛି ସ୍ୱଳ୍ପ ସମୟ ବ୍ୟବଧାନରେ ଅଧିକ ପାଣି ପିଇବା । ଫଳରେ ରକ୍ତରେ ସୋଡିୟମ୍ର ମାତ୍ରା କମ୍ ହୋଇଯାଇଥାଏ। ସେହିପରି ଅଧିକ ପରିଶ୍ରମ ଥିବା ଖେଳର ଖେଳାଳୀମାନଙ୍କଠାରୁ ବାହାରୁଥିବା ଝାଳ ଯୋଗୁ ସେମାନଙ୍କଠାରେ ସୋଡିୟମ୍ର ଅଭାବ ଦେଖାଦିଏ । ଏହାବ୍ୟତୀତ ମଧ୍ୟ କେତେକ କ୍ଷେତ୍ରରେ ସୋଡିୟମ୍ର ଅଭାବ ଦେଖା ଦେଇଥାଏ । ଯେପରିକି କେତେକ ଔଷଧ, ହାର୍ଟ ଫେଲିୟୋର, କିଡ୍ନୀ ରୋଗ କିମ୍ବା ଲିଭର ରୋଗ, ମଧୁମେହ, ଲଗାତାର ଡାଇରିଆ ବା ବାନ୍ତି ସମସ୍ୟା, ହରମୋନ୍ ଅସନ୍ତୁଳନ ଓ ଅଧିକ ମଦ୍ୟପାନ ଦ୍ୱାରା ସୋଡିୟମ୍ର ଅଭାବ ଦେଖା ଦେଇଥାଏ । ଯଦି ହାଇପୋନାଟ୍ରେମିଆ ସମସ୍ୟାକୁ ତୁରନ୍ତ ଡାକ୍ତର ପରାମର୍ଶ ନ କରାଯାଏ, ତେବେ ଏହାର କୁପ୍ରଭାବ ମସ୍ତିଷ୍କ ଉପରେ ପଡିଥାଏ। ଏହା ମୁଖ୍ୟତଃ ମସ୍ତିଷ୍କରେ ଥିବା ସ୍ନାୟୁ କୋଷଗୁଡିକୁ ଜଳଶୁଷ୍କ କରିବା ସହ ନଷ୍ଟ କରିଦେଇଥାଏ । ସ୍ଥିତି ଗମ୍ଭୀର ହୋଇଥିଲେ ସୋଡିୟମ୍ ସ୍ତରକୁ ଧୀରେ ଧୀରେ ବଢାଯାଇଥାଏ । ଶରୀରକୁ ଭଲ ଭାବେ କାମ କରିବା ପାଇଁ ସୋଡିୟମ୍ ? ଜରୁରି । ସୋଡିୟମ୍ର ମୁଖ୍ୟ କାମ ହେଉଛି। ଶରୀରରେ ପାନୀୟର ମାତ୍ରାରେ ସନ୍ତୁଳନ ରକ୍ଷା କରିବା। ସ୍ନାୟୁ ଓ ମାଂସପେଶୀର ସକ୍ରିୟତାରେ ସହଯୋଗ କରିବା। ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଅନ୍ତୁ, କିନ୍ତୁ ଥରକେ ଅଧିକ ପାଣି ପିଅନ୍ତୁନି । ସ୍ୱାସ୍ଥ୍ୟକର ଓ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ।

# ସୀତାନବମୀ କଥା



ଯେମିତି ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ରାଧାଷ୍ଟମୀ, ସେମିତି ରାମନବମୀ ଓ ସୀତା ନବମୀ। ଏହି ସଂପର୍କ ବା ଏହି ଯୋଗସୂତ୍ର ଅତ୍ୟନ୍ତ ରହସ୍ୟମୟ। ଭାଦ୍ରବ କୃଷ୍ଣ ଅଷ୍ଟମୀ ହେଉଛି ଶ୍ରୀକୃଷ୍ଣଙ୍କ ଜନ୍ମତିଥି- ଜନ୍ମାଷ୍ଟମୀ। ଏହିଦିନ ମଧ୍ୟରାତ୍ରିରେ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିଥିଲେ। ଏବଂ ବିଚିତ୍ରତା ହେଉଛି- ସେହି ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ରାଧାଙ୍କର ଜନ୍ମ। କୃଷ୍ଣପକ୍ଷ ସହ ସାମ୍ୟ ରଖି ଶ୍ରୀକୃଷ୍ଣଙ୍କର ବର୍ଣ୍ଣ କୃଷ୍ଣ ହୋଇଥିବାବେଳେ, ଶୁକ୍ଳପକ୍ଷ ସହିତ ସାମ୍ୟ ରଖି ରାଧାଙ୍କର ବର୍ଣ୍ଣ ଥିଲା ଗୌର। ସେହିପରି ରାମନବମୀ ଓ ସୀତାନବମୀ। ଶ୍ରୀରାମଙ୍କର ଜନ୍ମତିଥି ଚୈତ୍ର ଶୁକ୍ଳ ନବମୀ। ଆଦିକବି ବାଲ୍ମୀକିଙ୍କ 'ରାମାୟଣ'ରେ ବର୍ଣ୍ଣିତ ଅଛି- ଦଶରଥଙ୍କ ପତ୍ନୀ କୌଶଲ୍ୟାଙ୍କ ଗର୍ଭରୁ, ଚେ ?ତ୍ର ଶୁକ୍ଳ ନବମୀ ତିଥି ଓ ପୁନର୍ବସୁ ନକ୍ଷତ୍ରରେ ଶ୍ରୀରାମ ଜନ୍ମଗ୍ରହଣ କରିଥିଲେ। ସେଥିପାଇଁ ସେହି ତିଥି 'ରାମନବମୀ' ରୂପେ ଖ୍ୟାତ। 'ସୀତା ନବମୀ' ମଧ୍ୟ ସେହିପରି ସୀତାଙ୍କ ଜନ୍ମତିଥି ଭାବରେ ଖ୍ୟାତ। ଏହାର ତିଥି, ବୈଶାଖ ଶୁକ୍ଳ ନବମୀ। କିନ୍ତୁ ସୀତା ଥିଲେ ଅଯୋନିସମ୍ଭୂତା। 'ବାଲ୍ମୀକି ରାମାୟଣ'ର ବାଲକାଣ୍ଡ, ୬୬ ସର୍ଗରେ ଏହାର ଉଲ୍ଲେଖ ଅଛି। ଏହି ସର୍ଗର ଶିରୋନାମ- 'ଧନୁଃ ପ୍ରସଙ୍ଗଃ'। ଏହା 'ଶିବଧନୁ ଭଙ୍ଗ' ରୂପେ ପ୍ରସିଦ୍ଧ। ଏହି ପ୍ରସଙ୍ଗରେ ସୀତାଙ୍କର ଜନ୍ମବୃତ୍ତାନ୍ତ ବର୍ଣ୍ଣିତ ହୋଇଛି। ମିଥିଳାର ରାଜା ଜନକ ମହର୍ଷି ବିଶ୍ୱାମିତ୍ରଙ୍କୁ ସେହି ଧନୁର ବୃତ୍ତାନ୍ତ କହିଛନ୍ତି।

ଜନକ କହିଛନ୍ତି- ଏହା ଥିଲା ଶିବଙ୍କର ଧନୁ। ମହାଦେବ ଦକ୍ଷଯଜ୍ଞ ଧ୍ୱଂସ କରିବା ସମୟରେ ସେହି ଧନୁର ଜ୍ୟା (ଗୁଣ) ଆକର୍ଷଣ କରି ଦେବତାମାନଙ୍କୁ କହିଥିଲେ- ମୋତେ ତୁମ୍ଭେମାନେ ଯଜ୍ଞଭାଗ ଦେଉନାହଁ। ଏଣୁ, ଏହି ଧନୁଦ୍ୱାରା ମୁଁ ତୁମ୍ଭମାନଙ୍କର ଶିରଚ୍ଛେଦନ କରିବି। ତାହା ଦେଖି ଦେବତାମାନେ ଭୟଭୀତ ହୋଇ ତାଙ୍କୁ ସ୍ତୁତି କରିବାରୁ ସେ ପ୍ରସନ୍ନ ହୋଇ ସେହି ଧନୁକୁ ଦେବତାଙ୍କୁ ପ୍ରଦାନ କରିଥିଲେ। ଦେବତାମାନେ ତାହାକୁ ଜନକଙ୍କ ପୂର୍ବପୁରୁଷ ଦେବରାତଙ୍କ ପାଖରେ ରଖିଥିଲେ। ନିଜର କନ୍ୟା ସୀତାଙ୍କୁ ଜନକ କହୁଥିଲେ- 'ବୀର୍ଯ୍ୟଶୁଲ୍ ?କା'। ସେଥିପାଇଁ ସର୍ତ୍ତ ରଖିଥିଲେ- ଯେଉଁ ବୀର ସେହି ଶିବଧନୁ ଭାଙ୍ଗିବେ, ସେ ସୀତାଙ୍କର ପତି ହେବେ। ଏହି ପ୍ରସଙ୍ଗରେ ଜନକ ବିଶ୍ୱାମିତ୍ରଙ୍କୁ ସୀତାଙ୍କ ଜନ୍ମ ବୃତ୍ତାନ୍ତ ସଂପର୍କରେ କହିଛନ୍ତି- ଏକଦା ଭୂମିକର୍ଷଣ କରୁ କରୁ ସେ ଲଙ୍ଗଳ ରେଖାରୁ ଏକ ଶିଶୁକନ୍ୟା ପାଇଲେ। କ୍ଷେତ୍ର ଶୋଧନ ସମୟରେ ଲଙ୍ଗଳରେଖାରୁ ଜାତ ହୋଇଥିବାରୁ ଲୋକେ ତାଙ୍କୁ 'ସୀତା' ନାମ ଦେଲେ। ଶିବଧନୁ ଭଙ୍ଗ କରି ପରିଶେଷରେ ଶ୍ରୀରାମ ତାଙ୍କୁ ବିବାହ କରିଥିଲେ। ସୀତା ଲଙ୍ଗଳ ରେଖାରୁ ବୈଶାଖ ଶୁକ୍ଳ ନବମୀ ଦିନ ଜାତ ହୋଇଥିବାରୁ ସେହି ତିଥି ସୀତାନବମୀ ନାମରେ ଖ୍ୟାତ ହୋଇଛି।

# କେଉଁ ଖେଳ ସ୍ୱାସ୍ଥ୍ୟକୁ ସର୍ବାଧିକ ଲାଭ ଦେଇଥାଏ ? କ'ଣ କହୁଛି ଗବେଷଣା ଆସନ୍ତୁ ଜାଣିବା




ଦୈନନ୍ଦିନ ଜୀବନରେ ସ୍ୱାସ୍ଥ୍ୟପ୍ରତି ସମସ୍ତେ ସଚେତନ। ନିଜକୁ ଫିଟ୍ ରଖିବା ପାଇଁ କିଛି ଲୋକ ବ୍ୟାୟାମ କରନ୍ତି ଏବଂ କିଛି ଲୋକ ଖେଳକୁ ପସନ୍ଦ କରନ୍ତି। କିଛି ଲୋକ ଅଛନ୍ତି ଯେଉଁମାନେ ଚାମ୍ପିଅନ ହେବା ପାଇଁ ନୁହେଁ ବରଂ କେବଳ ଫିଟ୍ ରହିବା ପାଇଁ କୌଣସି ଖେଳ ଖେଳିବାକୁ ବି ଚାହାଁନ୍ତି । ଅଫିସ ଯାଉଥିବା ବ୍ୟକ୍ତି, ଛାତ୍ର, ପୁରୁଷ ଏବଂ ମହିଳା ସଠିକ୍ ପ୍ରକାରର ପର୍ଯ୍ୟାପ୍ତ ଶାରୀରିକ କାର୍ଯ୍ୟକଳାପ କରିପାରିନଥାନ୍ତି । ଜନଗହଳିପୂର୍ଣ୍ଣ ସହର ଗୁଡ଼ିକରେ, ସେମାନଙ୍କର ଅଧିକାଂଶ ସମୟ କାର୍ଯ୍ୟସ୍ଥଳକୁ ଯିବା ଆସିବାରେ ବିତିଯାଇଥାଏ ।

ଏହା ଆକଳନ କରାଯାଇଛି ଯେ ଭାରତୀୟ ସହର ଗୁଡ଼ିକର ମଧ୍ୟବିତ୍ତ ବର୍ଗର ଜନସଂଖ୍ୟାର ଅଧାରୁ କମ୍ ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିର୍ଦ୍ଦେଶାବଳୀର ସୁପାରିଶ କରାଯାଇଥିବା ଶାରୀରିକ କାର୍ଯ୍ୟକଳାପ ପୂରଣ କରନ୍ତି। ଏହି ନିର୍ଦ୍ଦେଶାବଳୀ ଗୁଡ଼ିକ ପ୍ରତି ସପ୍ତାହରେ ସର୍ବନିମ୍ନ ୧୫୦ ମିନିଟ୍ ମଧ୍ୟମ ଧରଣର ଏରୋବିକ୍ ବ୍ୟାୟାମ କିମ୍ବା ଅତି କମରେ ୭୫ ମିନିଟ୍ ଜୋରଦାର ବ୍ୟାୟାମ କରିବାକୁ ନିର୍ଦ୍ଦେଶ ଦିଏ। ବସିବା ଦ୍ୱାରା ଜୀବନଶୈଳୀର ପରିଣାମ ସ୍ୱରୂପ, ସ୍ଥୂଳତା ବୃଦ୍ଧି ପାଉଛି ଏବଂ ତା'ସହିତ ଜୀବନଶୈଳୀ ସମ୍ବନ୍ଧୀୟ ରୋଗ ମଧ୍ୟ ବୃଦ୍ଧି ପାଉଛି । କିନ୍ତୁ ଫିଟ୍ ରହିବା ପାଇଁ କେଉଁ ଖେଳ ଖେଳିବା ସବୁଠାରୁ ସୁସ୍ଥ ? ସାଧାରଣ ଜନତାଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ କେଉଁ ଖେଳ ସାହାଯ୍ୟ କରେ ? ଏକ ନିର୍ଦ୍ଦିଷ୍ଟ ବୟସ ପରେ, ଜିମ୍ରେ ଭାରୀ ବ୍ୟାୟାମ ଲାଭଦାୟକ ହେବା ପରିବର୍ତ୍ତେ କ୍ଷତିକାରକ ହୋଇପାରେ, ଏବଂ ଟ୍ରେଡମିଲ୍ରେ ବିରକ୍ତିକର ଲମ୍ବା ସମୟ ସେସନ୍ ଆକର୍ଷଣୀୟ ନ ଲାଗିପାରେ। କିନ୍ତୁ କିଛି ଖେଳ ଅଛି ଯାହା ସ୍ୱାସ୍ଥ୍ୟ ଏବଂ ଜୀବନକାଳ ଦୃଷ୍ଟିରୁ ଜଣେ ବ୍ୟକ୍ତିକୁ ସର୍ବାଧିକ ଲାଭ ଦେଇଥାଏ। ଆମେରିକାର ପ୍ରତିଷ୍ଠିତ ମାୟୋ କ୍ଲିନିକ୍ ଏବଂ ଡେନମାର୍କର କୋପେନହେଗେନ ସିଟି ହାର୍ଟ ଷ୍ଟଡିର ଗବେଷଣା ଅନୁଯାୟୀ, କିଛି କ୍ରୀଡା ଆପଣଙ୍କୁ ଅଧିକ ଶକ୍ତିଶାଳୀ ଏବଂ ଦୀର୍ଘ ଜୀବନ ପାଇବାରେ ସାହାଯ୍ୟ କରିପାରେ। ୮,୫୦୦ ରୁ ଅଧିକ ଲୋକଙ୍କୁ ୨୫ ବର୍ଷ ଧରି ଟ୍ରାକିଂ କରି, ସେମାନେ ଜାଣିପାରିଲେ ଯେ କିଛି ନିର୍ଦ୍ଦିଷ୍ଟ କ୍ରୀଡା ଏବଂ କାର୍ଯ୍ୟକଳାପ ଅନ୍ୟ ମାନଙ୍କ ଅପେକ୍ଷା ଏହାର ଅଂଶ ଗ୍ରହଣକାରୀଙ୍କ ଜୀବନକାଳ ବୃଦ୍ଧି କରିଛି। ତାଲିକାର ଶୀର୍ଷରେ ଥିଲା ଟେନିସ୍। ଏହାକୁ ଏକ ଅସାଧାରଣ ସୁସ୍ଥ ଖେଳ ଭାବରେ ବିବେଚନା କରାଯାଏ, କାରଣ ଏହା ଏକ ପୂର୍ଣ୍ଣ-ଶରୀର, ଉଚ୍ଚ-ତୀବ୍ରତା ଖେଳକୁ ମିଶ୍ରଣ କରେ ଯାହା ଆନାରୋବିକ୍ ସହିତ ଏରୋବିକ୍ ବ୍ୟାୟାମକୁ ମିଶ୍ରଣ କରେ ଏବଂ ପ୍ରତି ଘଣ୍ଟାରେ ପ୍ରାୟ ୬୦୦ ରୁ ୮୦୦ କ୍ୟାଲୋରୀ ଜଳାଏ। ଏହା ମାନସିକ ସତର୍କତା ଏବଂ ଶୀଘ୍ର ଡିପ୍ରେସନକୁ ମଧ୍ୟ ଦୂର କରେ ଏବଂ ଏହା ଜ୍ଞାନାତ୍ମକ କାର୍ଯ୍ୟକୁ ବୃଦ୍ଧି କରିପାରିବ। କାରଣ ଏଥିପାଇଁ ନିରନ୍ତର ଅଟକିବା, ଦୌଡ଼ିବା ଏବଂ ଦିଗ ପରିବର୍ତ୍ତନ କରିବା ଆବଶ୍ୟକ, ଏହା ନମନୀୟତା, ସନ୍ତୁଳନ ଏବଂ ସମନ୍ୱୟକୁ ଉନ୍ନତ କରେ। ଗବେଷଣା ଅନୁଯାୟୀ, ଟେନିସ୍ ଖେଳାଳି ମାନେ ବସି ରହିଥିବା ବ୍ୟକ୍ତିଙ୍କ ତୁଳନାରେ ପ୍ରାୟ ୯ ପ୍ରତିଶତ ଅଧିକ ବଞ୍ଚିଥାନ୍ତି। ସମାନ କାରଣ ପାଇଁ, ବ୍ୟାଡମିଣ୍ଟନ୍, ସ୍କ୍ୱାସ୍ ଏବଂ ପିକଲ୍ ବଲ୍ ଭଳି ସମାନ ଖେଳ ଟେନିସ୍ ପରି ସମାନ ଲାଭ ପ୍ରଦାନ କରେ। ଏହା ପରେ ସାଇକେଲିଂ, ପହଁରିବା ଏବଂ ଜଗିଂ ଆସୁଛି। ଯଦିଓ ଜଗିଂ ଏକ ଖେଳ ନୁହେଁ, ଏହାକୁ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି କାରଣ ଏହା ଏକ ଫିଟନେସ୍ ସମ୍ବନ୍ଧୀୟ କାର୍ଯ୍ୟକଳାପ । ସାଇକେଲିଂ ଏବଂ ପହଁରିବା ସର୍ବୋତ୍ତମ କାରଣ ଏହା ସନ୍ଧି ଉପରେ ଚାପ ପକାଏ ନାହିଁ। ଜଗିଂ ମଧ୍ୟ ଏକ ଭଲ କାର୍ଡିଓ ବ୍ୟାୟାମ, କିନ୍ତୁ ଏହା ଏକ ଉଚ୍ଚ-ପ୍ରଭାବ କାର୍ଯ୍ୟକଳାପ ହୋଇଥିବାରୁ, ସନ୍ଧି ଏବଂ ଲିଗାମେଣ୍ଟରେ ଅଧିକ କ୍ଷୟ ହୁଏ। ଯୁବକ ମାନଙ୍କ ପାଇଁ, ଜଗିଂ ଭଲ, କିନ୍ତୁ ଯେଉଁମାନେ ମଧ୍ୟବୟସ୍କ କିମ୍ବା ସନ୍ଧି ସମସ୍ୟା ଥାଆନ୍ତି ସେମାନଙ୍କ ପାଇଁ ଦ୍ରୁତ ଗତିରେ ଚାଲିବା ଏକ ଭଲ ବିକଳ୍ପ।

ଭାରତରେ, କ୍ରିକେଟ୍ ସମସ୍ତଙ୍କର ପ୍ରିୟ ଖେଳ। କିନ୍ତୁ ଏହା ମୂଳତଃ ଦକ୍ଷତାର ଖେଳ। ଏଥିରେ ମୁଖ୍ୟତଃ ଦ୍ରୁତ ପ୍ରତିଫଳନ ଏବଂ ହାତ-ଆଖିର ଭଲ ସମନ୍ୱୟ ଅନ୍ତର୍ଭୁକ୍ତ। ଜଣେ ଦ୍ରୁତ ବୋଲରଙ୍କ ବିପକ୍ଷରେ ବ୍ୟାଟିଂ କରିବା ପାଇଁ, କିମ୍ବା ଜଣେ ସ୍ପିନରଙ୍କ ଡ୍ରିଫ୍ଟ, ଲାଇନ ଏବଂ ଲେନ୍ଥକୁ ବୁଝିବା ପାଇଁ, କିମ୍ବା ଏକ କ୍ୟାଚ୍ ନେବା ପାଇଁ, ସ୍ପ୍ଲିଟ୍-ସେକେଣ୍ଡ ପ୍ରତିଫଳନ ଏବଂ ଆଖି ଏବଂ ଅଙ୍ଗ ଗୁଡ଼ିକର ସମନ୍ୱୟ ଆବଶ୍ୟକ। କିନ୍ତୁ ଏଥିରେ କୌଣସି କାର୍ଡିଓ ବ୍ୟାୟାମ ଜଡିତ ନାହିଁ। ତେବେ ଆଶ୍ଚର୍ଯ୍ୟଜନକ ଭାବରେ, ଗବେଷଣା ଅନୁଯାୟୀ, ଅଧିକ ସାମାଜିକ କ୍ରିୟା ସହିତ ଜଡିତ ଅବସର ସମୟର ଖେଳଗୁଡ଼ିକ ଦୀର୍ଘାୟୁ ହେବା ସହିତ ଜଡିତ। ଏହା ଉଲ୍ଲେଖ କରାଯାଇଛି ଯେ ଯେଉଁମାନେ ସକ୍ରିୟ ସାମାଜିକ ଜୀବନଯାପନ କରନ୍ତି ସେମାନେ ଏକାକୀ ରହୁଥିବା ଏବଂ ବହୁତ କମ୍ ବନ୍ଧୁ ଥିବା ଲୋକଙ୍କ ତୁଳନାରେ ମାନସିକ ଏବଂ ଶାରୀରିକ ଭାବରେ ସୁସ୍ଥ ରୁହନ୍ତି। ଜାପାନୀ ବୈଜ୍ଞାନିକ ମାନେ ଜାଣିପାରିଛନ୍ତି ଯେ ସ୍ଥିର ବ୍ୟାୟାମ ଦୀର୍ଘାୟୁ ସହିତ ଜଡିତ, ଏବଂ ଯେଉଁମାନେ ପରିବାର ଏବଂ ବନ୍ଧୁ ମାନଙ୍କ ସହିତ ସର୍ବାଧିକ ସମୟ ବିତାଇଥାନ୍ତି ସେମାନଙ୍କର ଆୟୁଷ ଏକୁଟିଆ ପସନ୍ଦ କରୁଥିବା ଲୋକଙ୍କ ତୁଳନାରେ ଅଧିକ ହୋଇଥାଏ ।

# କୁମାରୀ ନଦୀ ନର୍ମଦା



ଭାକାସୁର ବଧ ପରେ ପାଣ୍ଡବମାନେ ଏକଚକ୍ରା ନଗରୀ ପରିତ୍ୟାଗ କରି ପାଞ୍ଚାଳ ନଗରୀ ଅଭିମୁଖେ ଯାତ୍ରା ଆରମ୍ଭ କଲେ। ଏହି ଯାତ୍ରା ପାଣ୍ଡବମାନଙ୍କର ଗୁପ୍ତଯାତ୍ରା ଥିବାରୁ ସେମାନେ ପ୍ରାୟ ରାତିର ଅନ୍ଧକାରରେ ଯାତ୍ରା କରୁଥିଲେ। ଏହି ସମୟରେ ସେମାନେ ଗଙ୍ଗାକୂଳରେ ଯାଉଥିବାବେଳେ ଏକ ଅଘଟଣ ଘଟିଲା। ସେହି ସମୟରେ ଅଙ୍ଗାରପର୍ଣ୍ଣ ନାମରେ ଜଣେ ଗନ୍ଧର୍ବ ତା'ର ପତ୍ନୀମାନଙ୍କ ସହିତ ଜଳକ୍ରୀଡ଼ା କରୁଥିଲା। ଏହି ଗନ୍ଧର୍ବ ଅତ୍ୟନ୍ତ ଗର୍ବୀ ଓ ଈର୍ଷାଳୁ ଥିଲା। ତା'ର ସୁନ୍ଦରଭାବେ ଚିତ୍ରିତ ଏକ ଅପୂର୍ବ ରଥ ଥିଲା; ତେଣୁ ତା'ର ଅନ୍ୟ ନାମ ଥିଲା ଚିତ୍ରରଥ। ଗଙ୍ଗାତଟର ସେହି ବନଭୂମି ତା'ର ଅଧୀନରେ ଥିଲା। ସେଠାରେ ମନୁଷ୍ୟମାନଙ୍କର ପଦଧ୍ୱନି ଶୁଣି ସେ କ୍ରୋଧରେ ଅନ୍ଧ ହୋଇ ତା'ର ଧନୁ ଟଙ୍କାରର ଭୀଷଣ ଘୋଷ କରି କହିଲା- ହେ ମନୁଷ୍ୟମାନେ, ଏଠାରୁ ଦୂର ହୁଅ। ଗନ୍ଧର୍ବରାଜ ଅଙ୍ଗାରପର୍ଣ୍ଣ ଏଠାରେ ଏବେ ଜଳକ୍ରୀଡ଼ା କରୁଛନ୍ତି। ଏ ବନଭୂମି ମୋର ଅଧୀନ। ତୁମର କିପରି ସାହସ ହେଲା ଏଠାକୁ ଆସିବାକୁ ? ନିୟମ ଅନୁସାରେ ମନୁଷ୍ୟମାନଙ୍କର ବିଚରଣର ସମୟ ଦିବାକାଳ। ଯକ୍ଷ, ଗନ୍ଧର୍ବ, ରାକ୍ଷସ ଆଦିଙ୍କର ବିହାର ଓ ବିଚରଣ ସମୟ ରାତ୍ରିକାଳ। ମୋର ବଳବୀର୍ଯ୍ୟ ଓ ସାହସ ସଂପର୍କରେ ବୋଧହୁଏ ତୁମେମାନେ ଅଜ୍ଞ।

ସେହି ଗନ୍ଧର୍ବର ଏପରି ଆସ୍ଫାଳନ ଶୁଣି ଅର୍ଜୁନ ଆଉ ସ୍ଥିର ହୋଇ ରହିପାରିଲେ ନାହିଁ। ସେ କହିଲେ- ଆକାଶଗଙ୍ଗା ପୁଣ୍ୟ ପ୍ରଦାନ ନିମିତ୍ତ ମର୍ତ୍ତ୍ୟଲୋକରେ ପ୍ରବାହିତ। ତେଣୁ ତାଙ୍କର ତଟଦେଶ ସମସ୍ତଙ୍କ ନିମିତ୍ତ ଉନ୍ମୁକ୍ତ। ଗଙ୍ଗାତଟକୁ ଆସିବା ପାଇଁ ଆମକୁ ବାଧା ଦେବାକୁ ତୁମେ କିଏ ?

ଏହିପରି ବାକ୍ୟ ବିନିମୟ ମଧ୍ୟରେ ଅଙ୍ଗାରପର୍ଣ୍ଣ ଅଧିକ କ୍ରୋଧିତ ହୋଇ ଅର୍ଜୁନଙ୍କୁ ଲକ୍ଷ୍ୟ କରି ବାଣ ନିକ୍ଷେପ କଲା। ଅର୍ଜୁନ ଗୋଟିଏ ବାଣରେ ଅଙ୍ଗାରପର୍ଣ୍ଣର ରଥ ଓ ଅଶ୍ୱ ସହିତ ସେହି ଗନ୍ଧର୍ବକୁ ମଧ୍ୟ ଭୂତଳଶାୟୀ କରିଦେଲେ। ତା'ପରେ ସେହି ଗନ୍ଧର୍ବକୁ ଧରି ସେ ଯୁଧିଷ୍ଠିରଙ୍କ ପାଖକୁ ଆଣିଲେ।

ଗନ୍ଧର୍ବ ଅଙ୍ଗାରପର୍ଣ୍ଣର କୁମ୍ଭୀନାଶୀ ନାମରେ ଏକ ଗୁଣବତୀ ପତ୍ନୀ ଥିଲା। ସେ ଆସି ଯୁଧିଷ୍ଠିରଙ୍କ ପାଦତଳେ ପଡ଼ି ସ୍ୱାମୀର ଆଚରଣ ପାଇଁ କ୍ଷମାପ୍ରାର୍ଥନା କଲା। ଧର୍ମରାଜ ଯୁଧିଷ୍ଠିର ଗନ୍ଧର୍ବକୁ କ୍ଷମା କରିଦେଲେ। ତାହାର ସମସ୍ତ ଅହଂକାର ଚୂର୍ଣ୍ଣ ହେଲା ଏବଂ ସେ ପାଣ୍ଡବ ପାଞ୍ଚଭାଇଙ୍କ ପରିଚୟ ଜାଣି ଆନନ୍ଦରେ ସେମାନଙ୍କ ସହିତ ବନ୍ଧୁତା ଆଚରଣ କଲା। ସେ ପ୍ରତ୍ୟେକ ଭାଇଙ୍କୁ ଏକ ଏକ ସୁନ୍ଦର ରଥ ତଥା ମନପବନ ସଦୃଶ ଗତି କରିପାରୁଥିବା ଅଶ୍ୱମାନ ଉପହାର ସ୍ୱରୂପ ପ୍ରଦାନ କଲା। ପରିଶେଷରେ ସେ ଅର୍ଜୁନଙ୍କୁ ଚାକ୍ଷୁଷୀ ବିଦ୍ୟା ଶିକ୍ଷା ଦେଲା ଯାହା ଯୁଦ୍ଧକାଳରେ ଅର୍ଜୁନଙ୍କୁ ବିଶେଷ ସାହାଯ୍ୟ କରିପାରିବ। ଅଙ୍ଗାରପର୍ଣ୍ଣ ଭୂତ ଓ ଭବିଷ୍ୟତର ଜ୍ଞାତା ହେତୁ ପାଣ୍ଡବମାନଙ୍କୁ ତାଙ୍କ ବଂଶର ଆଦିପୁରୁଷ କୁରୁଙ୍କର ଜନ୍ମଠାରୁ ସାଂପ୍ରତିକ କାଳ ପର୍ଯ୍ୟନ୍ତ ଯଶକୀର୍ତ୍ତି ଆଦି ସଂପର୍କରେ କଥାମାନ ଶୁଣାଇଲା ଏବଂ କହିଲା- ପାଣ୍ଡବମାନେ ଯେହେତୁ ରାଜପୁତ୍ର ଏବଂ ପରବର୍ତ୍ତୀ କାଳରେ ନିଶ୍ଚିତ ଭାବରେ ରାଜ୍ୟ ଶାସନ କରିବେ, ତେଣୁ ଜଣେ କୁଳଗୁରୁଙ୍କର ସନ୍ଧାନ କରି ତାଙ୍କର ନିର୍ଦ୍ଦେଶରେ ହିଁ କାର୍ଯ୍ୟ କରନ୍ତୁ। ଏହି ଅଙ୍ଗାରପର୍ଣ୍ଣ ବା ଚିତ୍ରରଥ ମହାଭାରତର ଅନେକ ସ୍ଥାନରେ ଅନେକ ଭାବରେ ଦେଖାଯାଇଛନ୍ତି ଏବଂ ସଦାସର୍ବଦା ସେ ପାଣ୍ଡବମାନଙ୍କ ସହିତ ସ୍ଥାପନ କରିଥିବା ମିତ୍ରତାର ମାନ ରକ୍ଷା କରିଛନ୍ତି।

## ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ

# ସୁନ୍ଦରଗଡ଼ ଜିଲ୍ଲା ମହିଳା ଦଳ ବିଜୟୀ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି-୨୦ କ୍ରିକେଟ ପ୍ରତିଯୋଗିତାର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ମଙ୍ଗଳବାର ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମଠାରେ ସୁନ୍ଦରଗଡ଼ ଜିଲ୍ଲା ମହିଳା ଦଳ ଦେଓଗଡ଼ ଜିଲ୍ଲା ମହିଳା ଦଳକୁ ୨୩୫ ରନରେ ପରାସ୍ତ କରି ବିଜୟୀ ହୋଇଛି। ସୁନ୍ଦରଗଡ଼ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୨ ୱିକେଟ୍ ହରାଇ ୨୮୩ ରନ୍ କରିଥିଲା। ଦଳ ପକ୍ଷରୁ ଦିବ୍ୟା ରାଉତରାୟ ୧୦୩ ରନ୍ ଓ ଇଷିତା ପାଣି ୮୮ ରନ୍ କରିଥିଲେ। ପତ୍ୟୁତରରେ ଦେଓଗଡ଼ ଦଳ ୨୦ ଓଭରରେ ୮ ୱିକେଟ୍ ହରାଇ ମାତ୍ର ୪୮ ରନ୍ କରି ୨୩୫ ରନ୍‌ରେ ପରାସ୍ତ ହୋଇଥିଲେ। ସୁନ୍ଦରଗଡ଼ ଦଳ ପକ୍ଷରୁ ସୁପ୍ରିୟା ମିଶ୍ର ୪ ଓଭରରୁ ୨ ଓଭର ମେଡେନ୍ ସହ ୨ ରନ୍ ବ୍ୟୟ କରି ୨ ଟି ୱିକେଟ ନେଇ ଭଲ ବୋଲିଙ୍ଗ କରିଥଲେ। କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏର କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବା ବେଳେ ଅମ୍ପାୟର ରୂପେ ତେଜନ ଦୁର୍ଗା, ଅଭିନାଶ ନାୟକ ଓ ସ୍କୋରର ଭାବେ ସତ୍ୟନାରାୟଣ ପରିଡ଼ା କାର୍ଯ୍ୟ କରିଥିଲେ।

# କମିଶନରେଟ୍ ପୋଲିସ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କମିଶନରେଟ୍ ପୋଲିସ ପକ୍ଷରୁ ସୋମବାର ୭୮ତମ ରାଜ୍ୟ ପୋଲିସ ଭଲିବଲ୍ ଏବଂ ବାସ୍କେଟବଲ୍ ଚାମ୍ପିଅନସିପ୍ ୨୦୨୬-୨୭ରେ ଉତ୍କର୍ଷ ହାସଲ କରିଥିବା କର୍ମଚାରୀମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟଟି ଏପ୍ରିଲ୨୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ବାଲେଶ୍ୱରର ରିଜର୍ଭ ପୋଲିସ ଲାଇନରେ ଅନୁଷ୍ଠିତ ହୋଇଥିଲା। କମିଶନରେଟ୍ ପୋଲିସ ଭଲିବଲ୍ ଦଳ-ବି ଏବଂ ବାସ୍କେଟବଲ୍ ଦଳ-ଏ ଉଭୟ ଚାମ୍ପିଅନସିପରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଖେଳାଳିମାନଙ୍କୁ ସେମାନଙ୍କର ସଫଳତା ଏବଂ ଉତ୍ସର୍ଗ ପାଇଁ ଆରକ୍ଷୀ ଆୟୁକ୍ତ ଡଃ ସୁରେଶ ଦେବଦତ ସିଂହ ଖେଳାଳୀ ମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।

# ଗ୍ୟାଙ୍ଗଟକ୍‌ରେ ଯୁବ ଖେଳାଳିଙ୍କ ସହ ଫୁଟବଲ ଖେଳିଲେ ପିଏମ୍ ମୋଦୀ

**ହାଇଦ୍ରାବାଦ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗାଙ୍ଗଟୋକରେ ଯୁବ ଖେଳାଳିମାନଙ୍କ ସହ ଫୁଟବଲ ଖେଳି ଏକ ବଡ଼ ସନ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ପିଲାମାନଙ୍କୁ କହିଛନ୍ତି ଯେ ସେମାନେ କେବଳ ଖେଳିବା ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ, ବରଂ ଅଲିମ୍ପିକ୍ସରେ ଖେଳିବା ଲକ୍ଷ୍ୟ ନେଇ ପରିଶ୍ରମ କରିବା ଉଚିତ୍। ତାଙ୍କର ଏହି ସନ୍ଦେଶ ଯୁବପିଢ଼ିଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଦେଇଛି ଏବଂ ଭାରତୀୟ ଫୁଟବଲର ଭବିଷ୍ୟତକୁ ନେଇ ଆଶା ବଢ଼ାଇ ଦେଇଛି।



କହି ରଖୁଛୁ ଯେ ଫିଫା ବିଶ୍ୱକପ୍ ୨୦୨୬ ଜୁନ୍ ମାସରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ପଦକ୍ଷେପ ଭାରତୀୟ ପ୍ରଶଂସକଙ୍କ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟକୁ ନେଇ ଆଗ୍ରହ ସୃଷ୍ଟି କରିଛି। ଭାରତରେ କ୍ରିକେଟ୍ ସହିତ ଫୁଟବଲର ମଧ୍ୟ ଅନେକ ପ୍ରଶଂସକ ଅଛନ୍ତି ଏବଂ ପ୍ରଧାନମନ୍ତ୍ରୀ ମୋଦି ବର୍ତ୍ତଂମାନ ସେମାନଙ୍କୁ ଫୁଟବଲକୁ ବାଛିବା ପାଇଁ ପ୍ରେରଣା ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରୟାସ ଯୋଗୁଁ ଫିଫା ବିଶ୍ୱକପ୍ ଭଳି ବଡ଼ ମଞ୍ଚରେ ଭାରତର ଉପସ୍ଥିତିକୁ ନେଇ ମଧ୍ୟ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି।

ସିକ୍କିମ ଗସ୍ତରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ମୋଦି ସ୍ଥାନୀୟ କିଶୋର ଓ କିଶୋରୀମାନଙ୍କ ସହ ଫୁଟବଲ ଖେଳିଛନ୍ତି। ଏହି ସମୟରେ ସେ ପଡ଼ିଆରେ ଖେଳାଳିମାନଙ୍କ ସହ ସମୟ ବିତାଇବା ସହ କିଛି ଗୋଲ୍ ମଧ ଦେଇଥିଲେ। କେତେବେଳେ ରାଇଟ୍ ୱିଙ୍ଗ୍‌ରୁ ତ କେତେବେଳେ ସେଣ୍ଟର ଫରୱାର୍ଡରୁ ସେ ବଲକୁ ଗୋଲ୍ ପୋଷ୍ଟକୁ ପଠାଇଥିଲେ। ଗୋଲ୍ ଦେବା ପାଇଁ ସେ ନିଜର ଡାହାଣ ଏବଂ ବାମ ପାଦର ବହୁତ ଭଲ ଭାବରେ ବ୍ୟବହାର କରିଥିଲେ। ଏକ ଭିଡିଓରେ ପ୍ରଧାନମନ୍ତ୍ରୀ କହୁଥିବା ଦେଖିବାକୁ ମିଳିଛି, 'ଆପଣମାନେ ମୋତେ ଫୁଟବଲ ଖେଳ ଶିଖାଇବେ କି? ଏମିତି ତ ହେବନି ଯେ ଆପଣମାନେ ମୋତେ ହରାଇ ଦେବେ।'

ମ୍ୟାଚ୍ ପରେ ପ୍ରଧାନମନ୍ତ୍ରୀ ଯୁବ ଖେଳାଳିମାନଙ୍କୁ କହିଛନ୍ତି, 'ଖେଳିବା ପାଇଁ କେବଳ ଅଭ୍ୟାସ ଯଥେଷ୍ଟ ନୁହେଁ। ମ୍ୟାଚ୍ ହେବା ଦରକାର। ଏଥିରୁ ଆମେ ଶିଖିଥାଉ। ଆମ ମଧ୍ୟରେ ଏକ ଜୁନୁନ୍ ବା ଉତ୍ସାହ ସୃଷ୍ଟି ହୁଏ। ଆଗାମୀ ଦିନରେ ଏହାକୁ ଲୋକପ୍ରିୟ କରିବାକୁ ହେବ। ଆପଣ ଜାଣିଥିବେ ଯେ ଭାରତ ଅଲିମ୍ପିକ୍ସ (୨୦୩୬) ଆୟୋଜନ କରିବାକୁ ପ୍ରୟାସ କରୁଛି। ସେତେବେଳକୁ ଆପଣମାନେ ଜଣେ ଜଣେ ପରିପକ୍ୱ ଖେଳାଳି ହୋଇସାରିଥିବେ। ତେଣୁ ଆପଣ ସମସ୍ତେ ଏବେଠାରୁ ଭଲ କରିବାକୁ ଚେଷ୍ଟା କରିବା ଉଚିତ୍ ଏବଂ ଅଲିମ୍ପିକ୍ସ ଖେଳିବା ଲକ୍ଷ୍ୟ ନେଇ ନିଜକୁ ପ୍ରସ୍ତୁତ କରନ୍ତୁ।'

ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ସନ୍ଦେଶକୁ ଭାରତୀୟ ଫୁଟବଲ ପାଇଁ ଏକ ସକାରାତ୍ମକ ସଙ୍କେତ ଭାବେ ଗ୍ରହଣ କରାଯାଉଛି। ଯୁବପିଢ଼ିଙ୍କୁ ବଡ଼ ମଞ୍ଚ ପାଇଁ ପ୍ରସ୍ତୁତ କରିବା କଥା ଖେଳ ଜଗତରେ ଏକ ନୂଆ ଶକ୍ତି ଭରି ଦେଇଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନିଜର 'ଏକ୍ସ' ଆକାଉଣ୍ଟରେ କିଛି ଫଟୋ ସେୟାର କରି ଲେଖିଥିଲେ, 'ଗାଙ୍ଗଟୋକର ଏକ ସୁନ୍ଦର ସକାଳ, ସିକ୍କିମରେ ମୋର କୁନି ସାଙ୍ଗମାନଙ୍କ ସହ ଫୁଟବଲ ଖେଳିବାର ମଜା କିଛି ଅଲଗା।' ଅନ୍ୟ ଏକ ପୋଷ୍ଟରେ ସେ ଲେଖିଥିଲେ, 'ଏହି ଯୁବପିଢ଼ିଙ୍କ ସହ ଫୁଟବଲର ଏକ ଜବରଦସ୍ତ ସେସନ୍।' ପ୍ରଧାନମନ୍ତ୍ରୀ ଖେଳାଳି ମାନଙ୍କୁ ଫୁଟବଲ ଉପରେ ନିଜର ଅଟୋଗ୍ରାଫ୍ ମଧ ଦେଇଥିଲେ।

# ପଞ୍ଜାବ କିଙ୍ଗସ୍‌କୁ ୬ ୱିକେଟରେ ପରାସ୍ତ କଲା ରାଜସ୍ଥାନ ରୟାଲ୍ସ



**ନ୍ୟୁ ଚଣ୍ଡିଗଡ଼**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୦ତମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗସ୍‌କୁ ରାଜସ୍ଥାନ ରୟାଲ୍ସ ୬ ୱିକେଟ୍‌ରେ ପରାସ୍ତ କରିଛି। ନ୍ୟୁ ଚଣ୍ଡିଗଡ଼ର ମହାରାଜା ଯଦାବିନ୍ଦର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ପଞ୍ଜାବ ବିପକ୍ଷରେ ରାଜସ୍ଥାନ ୨୨୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଦଳ ୧୯.୨ ଓଭରରେ ୪ଟି ୱିକେଟ ହରାଇ ୨୨୮ ରନ୍ ସଂଗ୍ରହ କରିଛି। ଏହି ବିଜୟ ସହିତ ରାଜସ୍ଥାନ ପଏଣ୍ଟ ଟେବୁଲରେ ହାଇଦ୍ରାବାଦକୁ ଅତିକ୍ରମ କରି ତୃତୀୟ ସ୍ଥାନରେ ପହଞ୍ଚିଛି। ପଏଣ୍ଟ ଟେବୁଲରେ ପଞ୍ଜାବ ପ୍ରଥମ ଏବଂ ବେଙ୍ଗାଲୁରୁ ଦ୍ୱିତୀୟ ସ୍ଥାନରେ ଅଛନ୍ତି।

ରାଜସ୍ଥାନ ପାଇଁ ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ଇନିଂସ ଆରମ୍ଭ କରିଥିଲେ। ଉଭୟ ଯୁବ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୫୧ ରନ୍ ସଂଗ୍ରହ କରିଥିଲେ। ତେବେ ପଞ୍ଜାବର ପ୍ରଥମ ଶିକାର ହୋଇଥିଲେ ବୈଭବ। ସେ ଆଉଟ ହେବା ପୂର୍ବରୁ ବ୍ୟକ୍ତିଗତ ଭାବେ ୪୩ ରନ୍ ସଂଗ୍ରହ କରିଥିଲେ। ୧୬ଟି ବଲ୍ ଖେଳି ୩ଟି ଚୌକା ଏବଂ ୫ଟି ଛକା ମାରିଥିଲେ।

ରାଜସ୍ଥାନକୁ ଦ୍ୱିତୀୟ ଝଟକା ୧୦୫ ରନ୍‌ରେ ଲାଗିଥିଲା। ଧ୍ରୁବ ଜୁରେଲ ୧୬ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ସେ ୨୦ଟି ବଲ୍ ଖେଳି ୧ ରନ୍ ସଂଗ୍ରହ କରିଥିଲେ। ଅଧିନାୟକ ରିୟାନ ପରାଗ ୨୯ ରନ କରି ଆଉଟ ହୋଇଥିଲେ। ଏହା ପୂର୍ବରୁ ଯଶସ୍ୱୀ ଜୟସ୍ୱାଲ, ଯିଏକି ୨୭ଟି ବଲ୍ ଖେଳି ୭ଟି ଚୌକା ଏବଂ ଗୋଟିଏ ଛକା ବଳରେ ୫୧ ରନ୍ ସଂଗ୍ରହ କରିଥିଲେ।

ରାଜସ୍ଥାନ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଘରୋଇ ଦଳ ପ୍ରଥମେ ବ୍ୟାଟିଂ କରିଥିଲା ଏବଂ ସ୍କୋର ନିର୍ଦ୍ଧାରିତ ୨୦ ଓଭରରେ ୪ଟି ୱିକେଟ୍ ହରାଇ ୨୨୨ ରନ୍ ସଂଗ୍ରହ କରିଥିଲା। ପଞ୍ଜାବ ପାଇଁ ପ୍ରଭସିମରନ ଏବଂ ପ୍ରିୟାଂଶ ଆର୍ଯ୍ୟ ବ୍ୟାଟିଂ ଆରମ୍ଭ କରିଥିଲେ। ଦଳର ଉଭୟ ପ୍ରାରମ୍ଭିକ ବ୍ୟାଟର ପ୍ରଥମ ୱିକେଟ୍ ପାଇଁ ୩୭ ରନ୍ ସଂଗ୍ରହ କରିଥିଲେ। ଏଥିରେ ପ୍ରିୟାଂଶଙ୍କ ଯୋଗଦାନ ୨୯ ରନ୍ ଥିଲା, ଯିଏକି ୧୧ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ରାଜସ୍ଥାନକୁ ଦ୍ୱିତୀୟ ସଫଳତା ଭାବେ କୋପର କନୋଲିଙ୍କ ୱିକେଟ ମିଳିଥିଲା। ବିସ୍ଫୋରକ ବ୍ୟାଟର କନୋଲି ୧୪ଟି ବଲ୍ ଖେଳି ୨ଟି ଚୌକା ଏବଂ ୩ଟି ଛକା ବଳରେ ୩୦ ରନ୍ ସଂଗ୍ରହ କରିଥିଲେ।

ପଞ୍ଜାବ ନିଜର ତୃତୀୟ ୱିକେଟ୍ ଭାବେ ପ୍ରଭସିମରନଙ୍କୁ ହରାଇଥିଲା। ବିସ୍ଫୋରକ ଯୁବ ବ୍ୟାଟର ପ୍ରଭସିମରନ ୪୪ଟି ବଲ୍ ଖେଳି ୫୯ ରନ୍ ସଂଗ୍ରହ କରିଥିଲେ। ସେ ୬ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ସେହିପରି ମାର୍କସ ଷ୍ଟୋଇନିସ ୨୨ଟି ବଲ ଖେଳି ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ତାଙ୍କର ଇନିଂସରେ ୪ଟି ଚୌକା ଏବଂ ୬ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୬୨ ରନ୍ ସଂଗ୍ରହ କରିଥିଲେ। ଚତୁର୍ଥ ୱିକେଟ ଭାବେ ଦଳ ଅଧିନାୟକ ଶ୍ରେୟସ ଆୟରଙ୍କୁ ହରାଇ ଥିଲା। ଆୟର ମଧ ବ୍ୟକ୍ତିଗତ ଭାବେ ୩୦ ରନ୍ ସଂଗ୍ରହ କରିଥିଲେ। ସେ ୨୦ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

# ସମ୍ବଲପୁରରେ ତୃତୀୟ ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଓ କ୍ରସ୍ କଣ୍ଟ୍ରି ପ୍ରତିଯୋଗିତାର ଶୁଭାରମ୍ଭ

**ସମ୍ବଲପୁର**

ସମ୍ବଲପୁରରେ ତୃତୀୟ ରାଜ୍ୟ ପୋଲିସ ସନ୍ତରଣ ଓ କ୍ରସକଣ୍ଟ୍ରି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଯାଇଛି। ଏହା ୩ ଦିନ ଧରି ଚାଲିବ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡିଆଇଜି-ଇନ୍-ଚାର୍ଜ ବ୍ରିଜେଶ ରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଡିଜିପିଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ରାଜ୍ୟର ବିଭିନ୍ନ ସ୍ଥାନରେ କ୍ରୀଡ଼ା ଆୟୋଜନ କରାଯାଉଥିବା କ୍ରମରେ ସମ୍ବଲପୁରରେ ସୋମବାର ଏହି ସନ୍ତରଣ ଓ କ୍ରସକଣ୍ଟ୍ରି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି ବୋଲି ଡିଆଇଜି ଇନଚାର୍ଜ କହିଛନ୍ତି।

ଏହି ପ୍ରତିଯୋଗିତାରେ ରାଜ୍ୟର ୨୦ଟି ଦଳର ମୋଟ ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮୨ ଜଣ କ୍ରସକଣ୍ଟ୍ରି ଏବଂ ୫୯ ଜଣ ସନ୍ତରଣ ଓ ଅନ୍ୟ କିଛି ଅଫିସିଆଲ ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ। ସମ୍ବଲପୁର ଝସକେତନ ସାହୁ ସନ୍ତରଣଗାରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଇନଚାର୍ଜ ଡିଆଇଜି କହିଛନ୍ତି ଯେ 'ଏହିଭଳି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଲିସ ବାହିନୀ ମଧ୍ୟରେ ଭାତୃଭାବ ବୃଦ୍ଧି କରିବା ଏବଂ କ୍ରୀଡ଼ା ପ୍ରତି ଯୁବପିଢ଼ିଙ୍କୁ ଆକୃଷ୍ଟ କରିବା। ଏହି ପ୍ରତିଯୋଗିତା ପୋଲିସ ବାହିନୀ ମଧ୍ୟରେ ଅନୁଶାସନ ବଜାୟ ରଖିବା ଏବଂ କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ ବିଶେଷ ସହାୟକ ହେବ' ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ଏହି ସଫଳ ଆୟୋଜନ ପାଇଁ ସେ ସମ୍ବଲପୁର ଏସ୍‌ପିଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଛନ୍ତି। ଏହି ଅବସରରେ ସମ୍ବଲପୁର ଏସପି ମୁକେଶ କୁମାର ଭାମୁ କହିଛନ୍ତି ଯେ, 'ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ ଏବଂ ଶେଷ ଦିନରେ ଏକ ସ୍ୱତନ୍ତ୍ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ରାଜ୍ୟ ତଥା ଜାତୀୟ ସ୍ତରରେ ପୋଲିସ କ୍ରୀଡ଼ାବିତ୍‌ମାନଙ୍କୁ



ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏହା ଏକ ଉପଯୁକ୍ତ ମଞ୍ଚ' ବୋଲି ସେ କହିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଏବଂ ବଲାଙ୍ଗୀରର ଏସପିଙ୍କ ସମେତ ଅନ୍ୟାନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ସନ୍ତରଣ ପ୍ରତିଯୋଗୀ ସମ୍ବଲପୁର ଜିଲ୍ଲା ପୋଲିସରେ ହାବିଲଦାର ଭାବେ କାର୍ଯ୍ୟରତ ଋଷବ ସୁନା କହିଛନ୍ତି ଯେ 'ଏହି ପ୍ରତିଯୋଗିତାରେ ସାରା ରାଜ୍ୟର ରାଜ୍ୟ ପୋଲିସ ବିଭାଗର ପ୍ରତିଯୋଗୀ ମାନେ ଭାଗ ନେଇଛନ୍ତି। ଏଥିରେ ଭାଗ ନେଇ ବହୁତ ଖୁସି ଲାଗୁଛି କାରଣ ୧୦୦ ମିଟର ଫ୍ରି ଷ୍ଟାଇଲ ସନ୍ତରଣ ପ୍ରତିଯୋଗିତା ରେ ମୁଁ ପ୍ରଥମ ସ୍ଥାନ ଅଧିକାର କରିଛି। ଆଉ ଆଗକୁ ଯଦି ପ୍ରତ୍ୟେକ ବର୍ଷ ଏହି ରାଜ୍ୟ ପୋଲିସ ସୁଇମିଙ୍ଗ ଓ କ୍ରସ କଣ୍ଟ୍ରି ପ୍ରତିଯୋଗିତା ହୁଏ ତେବେ ଭବିଷ୍ୟତରେ ଜାତୀୟ ସ୍ତରରେ ପୋଲିସ ଅଲ ଇଣ୍ଡିଆ ମିଟ୍ ପ୍ରତିଯୋଗିତାରେ ଭାଗ ନେଇ ପାରିବୁ।'

ଅନ୍ୟଜଣେ ମହିଳା ପ୍ରତିଯୋଗୀ ସମ୍ବଲପୁର ଜିଲ୍ଲା ପୋଲିସ ବିଭାଗର ପୋଲିସ କର୍ମୀ ରୁକ୍ମିଣୀ କୁମ୍ଭାର କହିଛନ୍ତି ଯେ 'ମୋର ୧୦୦ ମିଟର ଫ୍ରି ଷ୍ଟାଇଲରେ ଭଲ ହୋଇଛି, ମୁଁ ପ୍ରଥମ ସ୍ଥାନ ଅଧିକାର କରିଛି। ମୁଁ ଏଥିପାଇଁ କୌଣସି ଅଭ୍ୟାସ କରି ନାହିଁ, ତେବେ ଜଣେ ସୁଇମର ଭାବେ ମୋର ସବୁ ଚେଷ୍ଟା ଲଗେଇଥିଲି। ପୋଲିସ ବିଭାଗରେ ଯୋଗ ଦେବା ପୂର୍ବରୁ ମୁଁ ଜଣେ ସୁଇମର। ପୋଲିସ ବିଭାଗରେ ଯୋଗ ଦାନ ପୂର୍ବରୁ ମୁଁ ରାଜ୍ୟ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସାରିଥିଲି। ଏମିତି ପ୍ରତିଯୋଗିତା ଆମକୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରିଥାଏ, ତେଣୁ ଆଗକୁ ମଧ ଭଲ ପ୍ରଦର୍ଶନ କରିବୁ।'

# ରାଜ୍ୟସ୍ତରୀୟ ହକି ଚାମ୍ପିଅନସିପ୍

# ରାଉରକେଲା ଅଭିମୁଖେ ଉପକନିଷ୍ଠ ବାଳକ ଦଳ



**ବାଲେଶ୍ୱର, ନ୍ୟୁଜ୍**

ରାଉରକେଲାଠାରେ ଅନୁଷ୍ଠିତ ହେବାକୁ ଥିବା ୫ମ ରାଜ୍ୟସ୍ତରୀୟ ଉପ କନିଷ୍ଠ ବାଳକ ହକି ଚାମ୍ପିଅନସିପ୍-୨୦୨୬ରେ ଭାଗ ନେବା ପାଇଁ ବାଲେଶ୍ୱର ଜିଲ୍ଲା ଦଳ ରାଉରକେଲା ଯାତ୍ରା କରିଛି। ଏହି ପ୍ରତିଯୋଗିତା ଆସନ୍ତା ଏପ୍ରିଲ ୨୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ବାଲେଶ୍ୱରର ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଦଳକୁ ଶୁଭେଚ୍ଛା ଜଣାଇବା ସହ ଖେଳାଳିମାନଙ୍କର ଉତ୍ସାହ ବଢ଼ାଇଛନ୍ତି। 'ଆମର ଆଶା ଓ ବିଶ୍ୱାସ ଅଛି ଯେ ବାଲେଶ୍ୱରର ଏହି ପ୍ରତିଭାଶାଳୀ ଖେଳାଳିମାନେ ରାଜ୍ୟସ୍ତରରେ ଉତ୍ତମ ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିବେ।' ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା ହକି ସଂଘ ଏହି ଯାତ୍ରା ସମୟରେ ଜିଲ୍ଲା କ୍ରୀଡ଼ା ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଖେଳାଳିମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ବାଲେଶ୍ୱରର କ୍ରୀଡ଼ା ପ୍ରେମୀମାନେ ଦଳର ସଫଳତା କାମନା କରିଛନ୍ତି।

# ବରଗଡ଼ ଜିଲ୍ଲା ସର୍ବୋଦୟ ମଣ୍ଡଳ କାର୍ଯ୍ୟକାରୀ କମିଟି ପୁନର୍ଗଠିତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ଗ୍ରାମ ପାଣିମୋରା ଗାନ୍ଧୀ ପୀଠରେ ବରିଷ୍ଠ ସର୍ବୋଦୟ କର୍ମୀ ମୁକ୍ତେଶ୍ୱର ପଧାନଙ୍କ ଅଧକ୍ଷତାରେ ବରଗଡ଼ ଜିଲ୍ଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ନୂତନ କମିଟି ଗଠନ କରାଯାଇ ଆଗାମୀ ବର୍ଷ ପାଇଁ ସଭାପତି ଭାବେ ଅଧାପକ ଟେକ୍ ଚାନ୍ଦ ଦୁଆନ, ଉପସଭାପତି ଶୁଶାନ୍ତ ପାଢ଼ୀ, ସଂପାଦକ ସତ୍ୟାନନ୍ଦ ପଧାନ, ସହ ସଂପାଦକ ଟେକ୍ ଚାନ୍ଦ ପଧାନ, କୋଷାଧକ୍ଷ ଗୌତମ ପଧାନ ଦାୟିତ୍ୱ ଗ୍ରହଣ କରିଥିବା ବେଳେ କାର୍ଯ୍ୟକାରୀ ସଭ୍ୟ ମୁକ୍ତେଶ୍ୱର ପଧାନ୍, ଚୂଡ଼ାମଣି ସାହୁ, ଅନନ୍ତ ପ୍ରଧାନ, ରୁକ୍ମଣ ମହାପାତ୍ର, ଅରୁଣା ପରଢ଼ିଆ ଆଦି ରହିଛନ୍ତି। ଏହା ପୁର୍ବରୁ ଦିଗମ୍ବତ ସଭାପତି ଶିଶିର କୁମାର ସାହୁଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ବର୍ଷରେ ବିଭିନ୍ନ ରଚନାତ୍ମକ କାର୍ଯ୍ୟ କରାଯିବ ବୋଲି ସଂପାଦକ ସତ୍ୟାନନ୍ଦ ପଧାନ ପ୍ରକାଶ କରି ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରର ଆଦିଦେବ ଓଡ଼ିଶା କ୍ରିକେଟ ଆସୋସିଏସନ ଆବାସିକ ଏକାଡେମୀ ପାଇଁ ମନୋନୀତ

**କେନ୍ଦୁଝର, ନ୍ୟୁଜ୍**

ରାଜ୍ୟର କୋଣ ଅନୁକୋଣରୁ ତୃଣମୂଳ ସ୍ତରରୁ କ୍ରିକେଟ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ଗୋଟେ ଛାତ ତଳେ ସମବେତ କରି ସେମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ସହ ଆଗାମୀ ଦିନରେ ଏଠାରୁ ରାଜ୍ୟରେ ନୂତନ କ୍ରିକେଟ ପ୍ରତିଭା ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟରେ ପ୍ରଥମ ଥର ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏକ ଏକାଡେମୀ ପ୍ରତିଷ୍ଠା ହେବାକୁ ଯାଉଛି। ଡ. ହରେକୃଷ୍ଣ ମହତାବଙ୍କ ନାମରେ ଉତ୍ସର୍ଗୀକୃତ ଏହି ଏକାଡେମୀ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୬୦ ଜଣ ବାଳକ ଏବଂ ୧୫ ଜଣ ବାଳିକା ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏଥିରେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ଆଦିଦେବ ସାହୁ ଓସିଏ ରେସିଡେନ୍ସିଆଲ ଏକାଡେମୀ ପାଇଁ ମନୋନୀତ ହୋଇଛନ୍ତି। ସେ ଭୁବନେଶ୍ୱର କିଟ୍ ପରିସରରେ ରହି



ନିୟମିତ ଶିକ୍ଷାଗ୍ରହଣ ସହ କ୍ରିକେଟ ପ୍ରଶିକ୍ଷଣ ନେବେ। ଓସିଏ ଓ କିଟ୍‌ର ଯୁଗ୍ମ ପରିଚାଳନାରେ ଡଃ ହରେକୃଷ୍ଣ ମହତାବ ଫିଡ଼ର ସେଣ୍ଟର ପାଇଁ ଆଦିଦେବ ମନୋନୀତ ହୋଇଛନ୍ତି ବୋଲି ଓସିଏର ସମ୍ପାଦକ ସଞ୍ଜୟ କୁମାର ବେହେରାଙ୍କ ଠାରୁ ପ୍ରକାଶ। ଆଦିଦେବ ଗତ ଫେବୃୟାରୀ ମାସରେ କଟକ ଠାରେ ଅନୁଷ୍ଠିତ ଆନ୍ତଃ ଜିଲ୍ଲା ୧୪ ବର୍ଷରୁ କମ୍ କ୍ରିକେଟରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିଲେ। ଫେବୃୟାରୀ ୯ ତାରିଖରୁ କିଟ୍ ଷ୍ଟାଡିଅମରେ ଆୟୋଜିତ ନେଟ୍ସରେ ସେ କେନ୍ଦୁଝର ଜିଲ୍ଲାର ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଥିଲେ।

ସେ କେନ୍ଦୁଝରସ୍ଥିତ ସେଣ୍ଟ ଜାଭିଅର ସ୍କୁଲରୁ ପ୍ରତିନିଧିତ୍ୱ କରୁଥିବା ବେଳେ ଫେମସ କ୍ଲବରୁ ସେ ନିୟମିତ ଖେଳୁଛନ୍ତି। ଦୀପକ କୁମାର ମୁଖିଙ୍କ ପ୍ରଶିକ୍ଷଣ ଓ ଗିରିଶ ଚନ୍ଦ୍ର ହୋତାଙ୍କ ପ୍ରେରଣାରେ ଅଭ୍ୟାସ ଦୈନିକ କରିଥାନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯିବା ସହ ଏହି ସଫଳତା ପଛରେ ପ୍ରଶିକ୍ଷକଙ୍କ ବ୍ୟତୀତ ସୁରେଶ ଚନ୍ଦ୍ର ରାଉତ, ପ୍ରକାଶ ଅଗ୍ରୱାଲ(ଟିପୁ)ଙ୍କ ପ୍ରେରଣା ରହିଛି ବୋଲି ଆଦିଦେବ କହିଛନ୍ତି। ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନ ସହ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ସେଣ୍ଟ ଜାଭିୟର ସ୍କୁଲର ଚେୟାରମ୍ୟାନ ଇଂ ଦେବବ୍ରତ ବେହେରା, ଅଧକ୍ଷ ମୃତ୍ୟୁଞ୍ଜୟ ନାୟକ, ତାପସ କୁମାର ମହାନ୍ତି ପ୍ରମୁଖ ଆଦିଦେବଙ୍କୁ ଅଭିନନ୍ଦନ ଜଣାଇବା ସହିତ ଭବିଷ୍ୟତରେ ଅଧିକ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ କାମନା କରିଛନ୍ତି।

## 'ଅଲ-ଆରାଉଣ୍ଡ ଚାମ୍ପିଅନ୍': ତପନ ମହାନ୍ତିଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

'ଅଲ-ଆରାଉଣ୍ଡ ଚାମ୍ପିଅନ୍' ହୋଇ ଓଡ଼ିଶା ପାଇଁ ଗୌରବ ଆଣିଥିବା ତପନ ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଜୁନିୟର ଏବଂ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ନ୍ୟାସନାଲ ଚାମ୍ପିଅନସିପ୍ସ ୨୦୨୬-୨୭ରେ 'ସିନିୟର ଏମଏଜି' ବର୍ଗରେ 'ଅଲ-ଆରାଉଣ୍ଡ ଚାମ୍ପିଅନ୍' ହୋଇ ଓଡ଼ିଶା ପାଇଁ ଗୌରବ ଆଣିଥିବା ତପନ ମହାନ୍ତିଙ୍କୁ ଅନେକ ଅନେକ ଶୁଭେଚ୍ଛା। ତାଙ୍କର ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଓଡ଼ିଶା ଦଳକୁ 'ସିନିୟର ଏମଏଜି ଟିମ୍ ଚାମ୍ପିଅନସିପ୍' ଫାଇନାଲରେ ପହଞ୍ଚାଇଛି। ତପନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଫାଇନାଲ ମ୍ୟାଚ୍ ପାଇଁ ଓଡ଼ିଶା ଦଳକୁ ମୋର ଶୁଭକାମନା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଇଟିପୁର ଗିରିମଠପଡ଼ା ଗ୍ରାମରେ ପାନୀୟଜଳ ସମସ୍ୟା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅ ପଞ୍ଚାୟତ ଅଧିନସ୍ଥ ଇଟିପୁର ଗିରିମଠପଡ଼ା ଗ୍ରାମର ଦଳିତ ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଗତ ତିନିମାସ ହେବ ଏହି ଦଳିତ ବସ୍ତିରେ ପାନୀୟ ଜଳ ନ ପାଇ ଏହି ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଇଟିପୁର ଗିରିମଠ ଗ୍ରାମର ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଦଳିତ ପରିବାର ପାଇପ୍ ଯୋଗେ ପାନୀୟ ଜଳ ପାଇପାରୁ ନାହାନ୍ତି। ସରକାରଙ୍କ ତରଫରୁ ଘର୍‌ଘର୍ ଜଳଯୋଗାଣର ବ୍ୟବସ୍ଥା ଥିଲେ ମଧ୍ୟ ଏହି ଗ୍ରାମରେ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଉକ୍ତ ପାନୀୟଜଳ ସମସ୍ୟା ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଅବଗତ କରିଥିଲେ।



ସରପଞ୍ଚ ଗ୍ରାମୀଣ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଜେଇ, ଏସ୍‌ଡିଓ ଓ ଅଧିକ୍ଷଣଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉନାହାନ୍ତି। ବାରୋ ପମ୍ପ ହାଉସ୍‌ରୁ ପାଇପ୍‌ଲାଇନ୍ ବନ୍ଦ କରି ଘିଗିଡିଆ ଗ୍ରାମରେ ନୂତନ ଭାବେ ହୋଇଥିବା ପମ୍ପ ହାଉସ୍ ପାଇପ୍‌ରେ ପାଣି ସଂଯୋଗ କରିବା ପାଇଁ ଆଦେଶ ଦେଇଛନ୍ତି। ଘିଗିଡ଼ିଆ ଗ୍ରାମର ନୂତନ ପମ୍ପ ହାଉସ୍‌ରେ ସଂଯୋଗ କରିବା ପାଇଁ ମାଟିଖୋଳା ଯାଇଥିଲା। ସ୍ଥାନୀୟ ଅଞ୍ଚଳର କିଛି ବ୍ୟକ୍ତି ଏହି ପାଇପ୍ ସଂଯୋଗକୁ ବିରୋଧ କରିବାରୁ କାର୍ଯ୍ୟଟି ବନ୍ଦ ହୋଇଯାଇଛି। ଯାହା ଫଳରେ ଇଟିପୁର, ଗିରିମଠ ଗ୍ରାମବାସୀମାନେ ପାନୀୟ ଜଳ ପାଇବାର ଅସୁବିଧାର ସମ୍ମୁଖୀନ ହେଉଥିବା ସରପଞ୍ଚ ଗୋପୀନାଥ ମଳିକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ପାଣି ପାଇପ୍ ସଂଯୋଗ କରି ଗ୍ରାମବାସୀଙ୍କୁ ପାଣି ଯୋଗାଇବା ପାଇଁ ଦାବିକରିଛନ୍ତି।

# ରଣପୁରରେ ୧୫ କୋଟିର ୪ ପ୍ରକଳ୍ପ ଶିଳାନ୍ୟାସ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର କୋରେଇ ବ୍ଲକ୍ ଅନ୍ତର୍ଗତ ରଣପୁର ଗ୍ରାମପଞ୍ଚାୟତରେ ୪ ଗୋଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ଏବଂ ଗୋଟିଏ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ କୋରେଇର ବିଧାୟକ ତଥା ଯାଜପୁର ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ଆକାଶ ଦାସନାୟକ। ବିଧାୟକ ଶ୍ରୀ ଦାସନାୟକଙ୍କୁ କର୍ମୀମାନେ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରାରେ ରଣପୁର ଛକ ଠାରୁ ମା' ସାଆଁଳା ଠାକୁରାଣୀ ପୀଠ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପ୍ରଥମେ ବିଧାୟକ ରଣପୁର ରାଜସ୍ୱ ନିରୀକ୍ଷକ ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୧ କୋଟି ୧୩ ଲକ୍ଷ ଟଙ୍କା। ତା'ପରେ ରଣପୁର ଛକଠାରେ ରଣପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ନିର୍ମାଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୪୬ ଲକ୍ଷ ଟଙ୍କା। ତା'ପରେ ସାଆଁଳା ଗ୍ରାମ୍ୟ ଉନ୍ନୟନ ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୭ କୋଟି ୧୪ ଲକ୍ଷ ଟଙ୍କା। ସେଠାରୁ ମଟର ସାଇକେଲ ଶୋଭାଯାତ୍ରାରେ ଯାଇ ଚିଙ୍ଗୁଡିପୁର ରାଧାକୃଷ୍ଣ କମ୍ୟୁନିଟି ସେଣ୍ଟରର ଶୁଭ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୪ ଲକ୍ଷ ୬୫ ହଜାର ଟଙ୍କା। ଶେଷରେ ରଣପୁର ଠାରୁ ଶବରସାହି ପର୍ଯ୍ୟନ୍ତ ବୈତରଣୀ ନଦୀ ଡାହାଣ ପାର୍ଶ୍ୱ ନଦୀବନ୍ଧର ସୁଦୃଢୀ କରଣର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପର ଅଟକଳ ପରିମାଣ ୬ କୋଟି ୬୨ ଲକ୍ଷ ଟଙ୍କା। ଏହି ପ୍ରକଳ୍ପ ଗୁଡିକ ନିର୍ମାଣ ହେଉଥିବା ଜାଣି ଆଜି ରଣପୁର ପଞ୍ଚାୟତ ବାସୀ ବହୁତ ଖୁସି ପ୍ରକଟ କରିଛନ୍ତି। ଆଜି ପ୍ରଗତିର ନୂଆ ଅଧ୍ୟାୟ ଲେଖୁଛି କୋରେଇ। ରଣପୁର ଗ୍ରାମପଂଚାୟତର ଗମନାଗମନ, ସ୍ୱାସ୍ଥ୍ୟ, ରାଜସ୍ୱ, ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଆଜି ଏକ ନୂତନ ଫର୍ଦ୍ଦ ଯୋଡି ହୋଇ ପ୍ରଗତିର ନୂଆ ଅଧ୍ୟାୟ ଦେଖିଲା କୋରେଇ। ଆଗାମୀ ଦିନରେ କୋରେଇର ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା, ରାଜସ୍ୱ, ପାନୀୟଜଳ, ବନ୍ୟା ନିୟନ୍ତ୍ରଣ, କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ପ୍ରକାର ପ୍ରକଳ୍ପର ଖୁବ୍ ଶୀଘ୍ର ଶୁଭ ଭିତିପ୍ରସ୍ତର ସ୍ଥାପନ ହେବାକୁ ଯାଉଅଛି ବୋଲି ଶ୍ରୀ ଦାସନାୟକ କହିଥିଲେ। ବର୍ତମାନ କୋରେଇ ବିକାଶର ସାରଥି ସାଜିଛନ୍ତି ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଆକାଶ ଦାସନାୟକ। ଏହି ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ରଣପୁର ଗ୍ରାମପଞ୍ଚାୟତ ସୁକାନ୍ତି ସାହୁ, ଗୌରପୁର ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, କନ୍ତୋର ପୂର୍ବତନ ସମିତି ସଭ୍ୟ ଅଶୋକ କୁମାର ବାରିକ, ତୁଳତୀ ପୂର୍ବତନ ସରପଞ୍ଚ ଦିପ୍ତିମୟୀ କୁଅଁର, ବରୁଣ୍ଡେଇ ପୂର୍ବତନ ସମିତି ସଭ୍ୟା ଜୟନ୍ତୀ ସାହୁ, ଅସନଝର ସରପଞ୍ଚ ମମତା ମଞ୍ଜରୀ ସ୍ୱାଇଁ, ପାଟରଙ୍ଗା ସରପଞ୍ଚ ରଞ୍ଜନ ଦାସ, କନ୍ତୋର ସରପଞ୍ଚ ସାରଙ୍ଗ ପ୍ରଧାନ, ବରୁଣ୍ଡେଇ ସମିତି ସଭ୍ୟ ରଶ୍ମିରଞ୍ଜନ ପରିଡା, ବନ୍ଦାଳୋ ସରପଞ୍ଚ ବିଷ୍ଣୁ ଚରଣ ରଥ, ସାଦକପୁର ସରପଞ୍ଚ ରବିନ୍ଦ୍ର ବେହେରା, ଅନ୍ଧାରୀ ପୂର୍ବତନ ସମିତି ସଭ୍ୟ କୁଳମଣୀ ଦାସ, ରଣପୁର ଗ୍ରାମପଞ୍ଚାୟତର ପ୍ରତାପ କୁମାର ସାହୁ, ପ୍ରସନ୍ନ ମିଶ୍ର, ତ୍ରିଲୋଚନ ପହି, ଅର୍ନ୍ତଯ୍ୟାମୀ ସାହୁ, ତାପସ ବେହେରା, ନୀଳମଣି ବେହେରା, ସରୋଜ ସାହୁ, ଗୌରାଙ୍ଗ ଜେନା, ଗଣେଶ୍ୱର ଘଡ଼ାଇ, ହିମାଂଶୁ ନାୟକ, ପ୍ରଶାନ୍ତ ମଲ୍ଲିକ, ଗୋପାଳ ସାହୁ, ପ୍ରହଲ୍ଲାଦ ଜେନା, ସୁବ୍ରତ ସ୍ୱାଇଁ, ସୁରେଶ ବେହେରା, ଶୁଭଞ୍ଜନ ଦାସ, ନୀଳମାଧବ ଚକ୍ର, ସରୋଜ ରାଉତ, ଜନ୍ମେଜୟ ସାହୁ, ପ୍ରକାଶ ସାହୁ, ହିମାଂଶୁ ପାଢୀ, ବୀରକିଶୋର ଦାସ, ମନୋଜ ଦାସ, ନକୁଳ ସାମନ୍ତରାୟ, ଦିବାକର ମହାପାତ୍ର, ରାଜେନ୍ଦ୍ର ଗାହାଣ, ଚିନ୍ତାମଣି ରାଉତ, ରମେଶ ଭୂୟାଁ, ପ୍ରମୁଖ ଯୋଗଦେଇଥିଲେ।





# ବିକଶିତ ଓଡ଼ିଶା ୨୦୩୬ପାଇଁ ଓଡ଼ିଶାର ସଂକଳ୍ପ ସୁଦୃଢ଼

## ସମନ୍ୱିତ ଯୋଜନା ଓ ପ୍ରଶାସନିକ ସଂସ୍କାର ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଦୀର୍ଘ କାଳୀନ ବିକାଶର ରୂପ ରେଖ ପ୍ରସ୍ତୁତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ମଙ୍ଗଳବାର ପ୍ରଶାସନିକ ଓ ଶାସନ ସଂସ୍କାର କମିଟିର ସଦସ୍ୟ ଓ. ପି. ଅଗ୍ରୱାଲଙ୍କ ସହ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ନିର୍ମାଣ ଓ ନଗରଉନ୍ନୟନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। "ବିକଶିତ ଓଡ଼ିଶା ୨୦୩୬"ର ଲକ୍ଷ୍ୟକୁ ସାକାର କରିବା ପାଇଁ ସମନ୍ୱିତ ଯୋଜନା ପ୍ରଣାଳୀକୁ ସୁଦୃଢ଼ କରିବା ଏବଂ ପ୍ରଶାସନିକ ସଂସ୍କାରକୁ ଆଗେଇ ନେବା ବିଷୟରେ ଏଠାରେ ବିସ୍ତୃତ ଆଲୋଚନା କରାଯାଇଛି। ପାରମ୍ପରିକ ଯୋଜନା ପ୍ରଣାଳୀ ପରିବର୍ତ୍ତେ ଏକ ଗତିଶୀଳ ତଥା ଭବିଷ୍ୟତ-ମୁଖୀ ମଡେଲ ଆପଣାଇବା ଉପରେ ଏହି ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଏହି ନୂତନ ମଡେଲ ମୁଖ୍ୟତଃ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ତଥ୍ୟ-ଭିତ୍ତିକ ନିଷ୍ପତ୍ତି ଗ୍ରହଣ ଏବଂ ସାଂସ୍ଥାନିକ ସଂହତି ଉପରେ ପର୍ଯ୍ୟବେସିତ। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଅର୍ଥନୈତିକ, ସ୍ଥାନିକ ଏବଂ ପ୍ରଶାସନିକ ଯୋଜନାକୁ ଏକତ୍ରିତ କରି ସ୍ଥାୟୀ ତଥା ସମାବେଶୀ ଅଭିବୃଦ୍ଧି ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଭୂ-ଉପଯୋଗ ଯୋଜନାରେ ସ୍ୱଚ୍ଛତା ଆଣିବା ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରଣନୈତିକ ଅର୍ଥନୈତିକ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସରକାରୀ ପ୍ରକ୍ରିୟାର ସରଳିକରଣ, ସେବା ପ୍ରଦାନରେ ଉନ୍ନତି ଏବଂ ବିଭାଗୀୟ ସମନ୍ୱୟ ରକ୍ଷା ଭଳି ପ୍ରଶାସନିକ ସଂସ୍କାର ହିଁ ରାଜ୍ୟର ଦୀର୍ଘକାଳୀନ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ସହାୟକ ହେବ। ଏଥିସହିତ ଦକ୍ଷତା ବୃଦ୍ଧି, ସାଂସ୍ଥାନିକ ସୁଦୃଢ଼ୀକରଣ ଏବଂ ପରିବର୍ତ୍ତିତ ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା କରିପାରୁଥିବା ଏକ ଚଳଚଞ୍ଚଳ ଶାସନ ବ୍ୟବସ୍ଥା ଗଠନ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବୈଠକଟି ସାଂସ୍ଥାନିକ ଢାଞ୍ଚାକୁ ଅଧିକ ଶକ୍ତିଶାଳୀ କରିବା ଏବଂ ବିଭିନ୍ନ ବିଭାଗୀୟ ରଣନୀତିକୁ "ବିକଶିତ ଓଡ଼ିଶା ୨୦୩୬" ର ଲକ୍ଷ୍ୟ ସହ ସମନ୍ୱିତ କରିବା ପାଇଁ ସହାୟକ ହୋଇପାରିବ । ସ୍ଥାୟୀ ବିକାଶ ଏବଂ ପ୍ରଶାସନିକ ଶ୍ରେଷ୍ଠତା କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ପ୍ରତିଷ୍ଠିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଏହି ଆଲୋଚନାରୁ ସ୍ପଷ୍ଟ ପ୍ରତିଫଳିତ ହୋଇଛି।




# ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ହେବ କେନ୍ଦୁଝର : ମୁଖ୍ୟମନ୍ତ୍ରୀ

**ଯୋଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆଜି ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଉଛବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍ ?ଷ୍ଟେସନ୍ ?ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ିତୋଳିବାକୁ ଘୋଷଣା କରିଛନ୍ତି। ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ଉଛବାଲି, କେନ୍ଦୁଝର ପାଇଁ ସବ ଷ୍ଟେସନ ସମେତ ୫ ଟି ନୂଆ ଟ୍ରାନ୍ସମିଶନ ଲାଇନ ଉଦଘାଟନ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଞ୍ଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ସମଗ୍ର ଅଞ୍ଚଳକୁ ଏକ ସୁଦୃଢ଼ ନେଟୱାର୍କରେ ଯୋଡ଼ିବା ନେଇ ସେ ଦର୍ଶାଇଛନ୍ତି ଯେ, ୪୦୦ କେଭି ଏଲ ଆଇଏଲଓ ଲାଇନ ସହିତ ଟିଟିପିଏସ -ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ। ଏହା ଦ୍ୱାରା ଶିଳ୍ପ ଓ ଘରୋଇ ଚାହିଦା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇପାରିବ। ବିଦ୍ୟୁତ୍ ବିଭ୍ରାଟକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ସମ୍ପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତିକରଣ ଆମର ପ୍ରାଥମିକତା। ଆମେ ହଟଲାଇନ ମେଣ୍ଟେନାନ୍ସ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଯାହାଦ୍ୱାରା ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ।' ରାଜ୍ୟର ବିଦ୍ୟୁତ୍ ପରିଚାଳନା ପ୍ରଣାଳୀକୁ ସ୍ମାର୍ଟ କରିବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, 'ଆମେ ଓଡ଼ିଶାକୁ ଡିଜିଟାଲାଇଜେସନ ଦିଗରେ ଆଗେଇ ନେଉଛୁ। ମଞ୍ଚେଶ୍ୱରଠାରେ ନିର୍ମିତ ନୂତନ ଷ୍ଟେଟ ଲୋଡ ଡେସପାଚ ସେଣ୍ଟର (ଏସଏଲଡିସି) ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ। ଏହାସହ ଏସଟିଏମ୍ଏସ ପ୍ରକଳ୍ପ ଜରିଆରେ ୭୦ଟି ଗ୍ରୀଡ୍ ?କୁ ରିମୋଟ୍ ମାଧ୍ୟମରେ ପରିଚାଳନା କରାଯାଇ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରାଯିବ।ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ କେନ୍ଦୁଝର ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ରାଜ୍ୟର ଶକ୍ତି ଭିତ୍ତିଭୂମି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୦୦ ମସିହାରେ ରାଜ୍ୟରେ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ଆଜି ତାହା ୧ କୋଟିରେ ପହଞ୍ଚିଛି । ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ୨୦୩୬ ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସବଷ୍ଟେସନ କରାଯିବ । ବିଶେଷ କରି ଭୁବନେଶ୍ୱର, ଯାଜପୁର, ଝାରସୁଗୁଡ଼ା ଓ ଗଜପତିରେ ପ୍ରଥମ ଥର ପାଇଁ ୭୬୫ କେଭି ଗ୍ରୀଡ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଓପିଟିସିଏଲ ପକ୍ଷରୁ ଏଣିକି 'ହଟଲାଇନ ମେଣ୍ଟେନାନ୍ସ' ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନକରି ମଧ୍ୟ ତାର ମରାମତି କରାଯାଇପାରିବ । ସେହିପରି ମଞ୍ଚେଶ୍ୱରଠାରେ ନୂତନ ଷ୍ଟେଟ୍ ଲୋଡ୍ ଡିସପାଚ୍ ସେଣ୍ଟର (ଏସଏଲଡିସି) ବିଦ୍ୟୁତ୍ ପରିଚାଳନାକୁ ଆହୁରି ସ୍ମାର୍ଟ କରିବ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କେନ୍ଦୁଝର ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି, ମୁଁ ବାରମ୍ବାର କହିଛି, ଖଣି ଖାଦାନରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। କେନ୍ଦୁଝର ଏତେ ଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତାର ହକ୍ ଫେରାଇବାର। ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍ ?ର କାର୍ଯ୍ୟ ଏବଂ ଆଗାମୀ ମେଗା ଷ୍ଟିଲ୍ ପ୍ଲାଣ୍ଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲକୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି । ପ୍ରଧାନମନ୍ତ୍ରୀଙ୍କ ବିକାଶ ମଡେଲକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ଭାରତ ଆଜି ସୌର, ପବନ ଓ ପରମାଣୁ ଶକ୍ତିରେ ଆତ୍ମନିର୍ଭର ହେଉଛି। ଆମ ଡବଲ ଇଞ୍ଜିନ ସରକାର ସେହି ବିକାଶର ଧାରାକୁ ଓଡ଼ିଶାର ପ୍ରତିଟି ଗାଁ ଏବଂ ପ୍ରତିଟି ପରିବାର ପାଖରେ ପହଞ୍ଚାଇବାକୁ ସଂକଳ୍ପବଦ୍ଧ। 'କେନ୍ଦୁଝରର ବିକାଶ ଦାୟିତ୍ୱ ମୋର,' ଏହି ଶବ୍ଦ ସହ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ରାଜ୍ୟରେ ସମସ୍ତ ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ ସୁନିଶ୍ଚିତ ହେବାପାଇଁ ଆମ ସରକାର ଦୃଢ଼ କାର୍ଯ୍ୟରତ। ଆଜିର ଗ୍ରୀଡ଼ ସବ ଷ୍ଟେସନ କେବଳ କେନ୍ଦୁଝର ନୁହେଁ ଏହାର ପାୱାର ସପ୍ଲାଏ ଆଣେ ସୁନ୍ଦରଗଡ଼, ଅନୁଗୋଳ, ବଇଣ୍ଡା ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ କରିବୁ। ଆଗାମୀ ଦିନରେ କେନ୍ଦୁଝର ଅଞ୍ଚଳରେ ଥିବା ସମସ୍ତ ଉପାନ୍ତ ଅଞ୍ଚଳରେ ଯେଉଁଠାରେ ବିଦ୍ୟୁତ କନେକ୍ସନ ନାହିଁ, ସେ ସମସ୍ତ ଅଞ୍ଚଳକୁ ବିଦ୍ୟୁତ ପହଂଚାଇବା ଲକ୍ଷ୍ୟ ରଖିଛୁ। ପ୍ରଧାନମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ୨୦୨୮ ସୁଦ୍ଧା ସମଗ୍ର ଓଡ଼ିଶା ବିଦ୍ୟୁତ ସଙ୍କଟରୁ ବାହାରିବ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକିର ମୋହନ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସମେତ, ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା, ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମେ'ରେ ପହଞ୍ଚିବ ଏସ୍-୪୦୦...

ଚଳିତ ବର୍ଷ ନଭେମ୍ବରରେ ଭାରତକୁ ଆସିବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଆଉ ପାଞ୍ଚଟି ଏସ୍-୪୦୦ସିଷ୍ଟମ୍ କିଣିବାକୁ ଅନୁମୋଦନ କରିଛନ୍ତି। ଏହି ସିଷ୍ଟମର ସୀମା ୪୦୦ କିଲୋମିଟର ପର୍ଯ୍ୟନ୍ତ, ଯାହାର ଅର୍ଥ ହେଉଛି ଏହା ପାକିସ୍ତାନରେ ସିନ୍ଧୁ ନଦୀର ପୂର୍ବରେ ଅବସ୍ଥିତ ଯେକୌଣସି ଆକାଶ ଲକ୍ଷ୍ୟ ଯେପରିକି ବିମାନ କିମ୍ବା କ୍ଷେପଣାସ୍ତ୍ରକୁ ଧ୍ୱଂସ କରିବାର କ୍ଷମତା ଭାରତ ପାଖରେ ରହିବ। ଭାରତ ଆହୁରି ୨୮୦ଟି କ୍ଷୁଦ୍ର ଏବଂ ଦୀର୍ଘ ଦୂରଗାମୀ ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବାକୁ ନିଷ୍ପତ୍ତି ନେଇଛି। ଏହା ଅପରେସନ୍ ସିନ୍ଦୂର ସମୟରେ ବ୍ୟବହୃତ କ୍ଷେପଣାସ୍ତ୍ରର ଅଭାବ ପୂରଣ କରିବା ଏବଂ ଅସ୍ତ୍ରଶସ୍ତ୍ରର ଏକ ସୁରକ୍ଷିତ ଭଣ୍ଡାର ଗଠନ କରିବା ପାଇଁ ଉଦ୍ଦିଷ୍ଟ। ଭାରତ ପାକିସ୍ତାନ ବିରୋଧରେ ୧୧ଟି ଦୂରଗାମୀ ଏସ୍-୪୦୦ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା, ଯାହା ଶତ୍ରୁ ପକ୍ଷର ଲଢୁଆ ବିମାନ, ଆକାଶ ମାର୍ଗ ନିରୀକ୍ଷଣକାରୀ ରାଡାର, ମାଲବାହୀ ବିମାନର କ୍ଷତି କରିଥିଲା।

### ସାମରିକ ଶକ୍ତି...

ପ୍ରତିଶତ ବୃଦ୍ଧି ପାଇଛି। ଏତତ୍ ବ୍ୟତୀତ ଇସ୍ରାଏଲର ସୈନ୍ୟ ଖର୍ଚ୍ଚ ୪.୯ ପ୍ରତିଶତ ହ୍ରାସ ପାଇ ୪୮.୩ ବିଲିୟନ ଡଲାର ହୋଇଛି। ଇରାନ ମଧ୍ୟ ଲଗାତାର ଦ୍ୱିତୀୟ ବର୍ଷ ଖର୍ଚ୍ଚ ହ୍ରାସ କରିଛି। ନାଟୋର ସୈନ୍ୟ ଖର୍ଚ୍ଚ ୧୪ ପ୍ରତିଶତ ବୃଦ୍ଧି ପାଇ ୮୬୪ ବିଲିୟନ ଡଲାର ପହଞ୍ଚିଛି।

### ମେ' ୪ରୁ ଓଜେଇଇ...

ସାଇନ୍ସ), ତୃତୀୟ ସିଫ୍ଟରେ ଏମସିଏ/ପୋଷ୍ଟ ବେସିକ୍ ବିଏସସି ନର୍ସିଂ ପରୀକ୍ଷା ହେବ। ୧୦ ତାରିଖରେ ପ୍ରଥମ ସିଫ୍ଟରେ ଏମ୍. ଫାର୍ମା/ଏମ୍ ଆର୍କ/ଏମ୍ ପ୍ଲାନ୍/ ଏମ୍ ଟେକ୍/ ଏଲ୍ଇ ଟେକ୍ ବିଏସସି ପରୀକ୍ଷା ରହିଛି। ଦ୍ୱିତୀୟ ସିଫ୍ଟରେ ପୋଷ୍ଟ ବେସିକ୍ ଡିପ୍ଲୋମା ନର୍ସିଂ/ବି ସାଟ୍/ଏଲ୍ଇ ଫାର୍ମା ପରୀକ୍ଷା ରହିଛି।

### ଶିକ୍ଷା ହିଁ ସବୁଠାରୁ...

ସ୍କୁଲରେ କେବଳ 'ରଙ୍ଗ ମରା' କାମକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରକୃତ ଭିତ୍ତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୨୦୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବେ, ଯାହା ପାଇଁ ବଜେଟ୍‌ରେ ୫୦ କୋଟିର ବ୍ୟବସ୍ଥା ହୋଇଛି।

ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। 'ନିପୁଣ ଓଡ଼ିଶା' ମିଶନ ଜରିଆରେ ମୌଳିକ ସାକ୍ଷରତା ଓ ମାତୃଭାଷା ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତୀୟ ବୈଜ୍ଞାନିକମାନେ ପରମାଣୁ ଶକ୍ତି କ୍ଷେତ୍ରରେ ହାସଲ କରିଥିବା 'ସେକେଣ୍ଡ ଷ୍ଟେଜ୍ କ୍ରିଟିକାଲିଟି' ସଫଳତାକୁ ମୁଖ୍ୟମନ୍ତ୍ରୀ ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସହରାଇ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ପୁରୁଷୋତ୍ତମପୁର ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ପାଇଁ ଅତିରିକ୍ତ ଅନୁଦାନ ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ତେଲକୋଇ ବିଧାୟକ ଡଃ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

### ସିକ୍କିମ୍‌ର ୫୦ ବର୍ଷ...

ଭାରତର ସ୍ୱର୍ଗ ବୋଲି ମୋଦି କହିଛନ୍ତି ଏବଂ ପ୍ରକୃତିପ୍ରେମୀ ପର୍ଯ୍ୟଟକମାନଙ୍କୁ ରାଜ୍ୟର ଅର୍କିଡାରିୟମ୍ ପରିଦର୍ଶନ କରିବାକୁ ଅନୁରୋଧ କରିଛନ୍ତି। ଗ୍ୟାଙ୍ଗଟକ୍‌ରେ ମୋଦୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଦେଶକୁ ଧର୍ମ ଏବଂ ରାଜନୀତି ଆଧାରରେ ବିଭାଜିତ କରିବାକୁ ପ୍ରୟାସ କରାଯାଉଥିବା ବେଳେ ସିକ୍କିମ ଏକ ଭାରତ ଶ୍ରେଷ୍ଠ ଭାରତର ଏକ ଶକ୍ତିଶାଳୀ ପ୍ରତୀକ।

### ଗ୍ରୀଷ୍ମ ପ୍ରବାହ ଜାରି : ଦିନ ...

ଯାଇଛି। ମନ୍ତ୍ରୀ କହିଛନ୍ତି ଯେ ପ୍ରକୃତି ଅସ୍ୱାଭାବିକ ପ୍ରଭାବ ଦେଖାଉଛି। ସାରା ପୃଥିବୀରେ ଜଳବାୟୁ ପରିବର୍ତ୍ତନ ହେଉଛି। ଗ୍ରୀଷ୍ମ ପ୍ରବାହକୁ ନେଇ ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ସରକାରଙ୍କ ତରଫରୁ ଅନେକ ସମୟରେ ବାରମ୍ବାର ଆଲୋଚନା ଜାରି ରହିଛି। ସେ ଆହୁରି କହିଛନ୍ତି, ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷିତ ରହିବା ପାଇଁ ସକାଳ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଲୋକମାନେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାର ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ 'ହିଟ୍ ୱେଭ୍ ରିଲିଫ୍ ସେଣ୍ଟର' ପ୍ରସ୍ତୁତ କରିବା ପାଇଁ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଅସହ୍ୟ ଗରମ ଓ ଗୁଳୁଗୁଳିରୁ ତ୍ରାହି ମିଳିବା ନେଇ ଆଶ୍ୱସ୍ତି ଖବର ଆସିଛି। କାଳବୈଶାଖୀ ଜନିତ ଝଡ଼ବର୍ଷାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

### ଅଭାବନୀୟ ଘଟଣା : ୩ ନାବାଳକ...

ଆୟୋଜନ ଚାଲିଥିଲା। ଅପରାହ୍ଣ ପ୍ରାୟ ୧ଟା ବେଳେ ଭୋଜି ପାଇଁ ଆସିଥିବା ପାଣି ପ୍ୟାକେଟ୍ ସରି ଯାଇଥିଲା। ଏହି ସମୟରେ ଆହୁରି ଶହଶହ ଲୋକ ଭୋଜି ଖାଇ ନଥିଲେ। ତେଣୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆୟୋଜକଙ୍କ ପକ୍ଷରୁ ଆବଶ୍ୟକ ପାଣି ପ୍ୟାକେଟ୍ ଆଣିବାକୁ ଯୋଜନା କରାଯାଇଥିଲା।

ପାଣି ପ୍ୟାକେଟ୍ ଆଣିବା ପାଇଁ ଲେସୁନବାହାଲି ଗ୍ରାମରୁ ଏକ ପିକ୍ଅପ୍ ଭ୍ୟାନ୍ ଟିଟିଲାଗଡ଼କୁ ଅଗ୍ରସର ହେଉଥିବା ବେଳେ ମୋସେସ, କ୍ରିଷ୍ଟା ଏବଂ ବିକ୍ରମଙ୍କ ସହିତ ଅନ୍ୟ ପିଲାମାନେ ମଧ୍ୟ ଗାଡ଼ିରେ ବସିଥିଲେ। ତେବେ ପିକ୍ଅପ୍ ଭ୍ୟାନ୍‌ଟି ଟିଟିଲାଗଡ଼ ନିକଟ ମାରଲାର୍ଡ ବ୍ରିଜ୍ ନିକଟରେ ଭାରସାମ୍ୟ ହରାଇ ଏକ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ପିକ୍ଅପ୍‌ରେ ଥିବା ସମସ୍ତ ଲୋକ ଆହତ ଏବଂ ଗୁରୁତର ହୋଇଥିଲେ।

ସ୍ଥାନୀୟ ଲୋକଙ୍କର ସୂଚନା କ୍ରମେ ଘଟଣାସ୍ଥଳରୁ ଆହତ ଏବଂ ଗୁରୁତରମାନଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ମୋସେସ, କ୍ରିଷ୍ଟା ଏବଂ ବିକ୍ରମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ପୋଲିସ ତଦନ୍ତ ଜାରି ରହିଛି।

ଟିଟିଲାଗଡ଼ ଦୁର୍ଘଟଣାରେ ମୃତ ୩ ଶିଶୁଙ୍କ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ସହାୟତା ରାଶି ଘୋଷଣା କରାଯାଇଛି। ସବୁ ନିକଟ ସମ୍ପର୍କୀୟଙ୍କୁ ୪ ଲକ୍ଷ ସହାୟତା ରାଶି ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏହି ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଆତଙ୍କବାଦକୁ ରାଜନୈତିକ...

ସୀମାପାର ଆତଙ୍କବାଦ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ରାଜନାଥ ସିଂହ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନକୁ ସମର୍ଥନ କରୁଥିବା ପାଇଁ ଚୀନ୍‌କୁ କଡ଼ା ସମାଲୋଚନା କରିଛନ୍ତି। କିର୍ଗିଜସ୍ତାନର ବିଶକେକରେ ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀ ଅନୁଷ୍ଠିତ ହେଉଛି ଏବଂ ଏଥିରେ ଚୀନ୍, ପାକିସ୍ତାନ, ଭାରତ, ରୁଷିଆ, କାଜାଖସ୍ତାନ, କିର୍ଗିଜସ୍ତାନ, ତାଜିକିସ୍ତାନ, ଉଜବେକିସ୍ତାନ, ଇରାନ ଏବଂ ବେଲାରୁଷ ସାମିଲ ଅଛନ୍ତି।

ବୈଠକ ସମୟରେ, ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଯେହେତୁ ଏସ୍‌ସିଓ ବିଶ୍ୱ ଜନସଂଖ୍ୟାର ଏକ ବଡ଼ ଅଂଶକୁ ପ୍ରତିନିଧିତ୍ୱ କରେ, ତେଣୁ କେବଳ ଆମ ଅଞ୍ଚଳରେ ନୁହେଁ ବରଂ ସାରା ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିବା ଆମର ଦାୟିତ୍ୱ।

### ପ୍ରାଥମିକ ସ୍କୁଲ ଉପରେ ଆମେରିକାର...

ଥିଲା। କିଛି ମିନିଟ୍ ମଧ୍ୟରେ ସ୍କୁଲରେ ଦୁଇଟି ମିସାଇଲ୍ ମାଡ଼ କରାଯାଇଥିଲା। ସ୍କୁଲ ଖୋଲାଥିବା ବେଳେ ଏହି ଆକ୍ରମଣ କରାଯାଇଥିଲା। ଏଥିରେ ଅଧିକାଂଶ ଛାତ୍ରଛାତ୍ରୀ ପ୍ରାଣ ହରାଇଥିଲେ ଯେଉଁମାନଙ୍କ ବୟସ ୭ରୁ ୧୨ ବର୍ଷ ମଧ୍ୟରେ ରହିଥିଲା।

ଆମେରିକା ଇରାନୀ ସ୍କୁଲ ଉପରେ ଆକ୍ରମଣ ପରେ ଏକ ପ୍ରାଥମିକ ତଦନ୍ତ କରିଥିଲା। ଯେଉଁଥିରେ ଜଣା ପଡିଥିଲା ଯେ, ୟୁଏସ୍ ଟୋମାହକ୍ ମିସାଇଲ୍ ଭୁଲବଶତଃ ସ୍କୁଲରେ ମାଡ଼ ହୋଇଥିଲା। ଏବେବି ମାମଲାର ତଦନ୍ତ ଚାଲିଥିବା ପେଣ୍ଟାଗନ୍ ପକ୍ଷରୁ କୁହାଯାଇଛି।

# କେନ୍ଦୁଝର ଘଟଣାରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେନ୍ଦୁଝରରେ ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଭଉଣୀର କଙ୍କାଳ ଧରି ବ୍ୟାଙ୍କ ଆସିବା ଘଟଣାରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛି ବିଜେଡି । ଏନେଇ ବିଜେଡି ସାଂସଦ ମାନସ ମଙ୍ଗରାଜ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଛନ୍ତି। ବିଜେଡି କହିଛି କେନ୍ଦୁଝର ଜିଲ୍ଲାର ଗରିବ ଆଦିବାସୀ ଜିତୁ ମୁଣ୍ଡାଙ୍କ ସହ ଘଟିଥିବା ଘଟଣା ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ଅମାନବୀୟ ଚେହେରାକୁ ଦର୍ଶାଉଛି ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ଅଭିନବ ପ୍ରୟାସ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଲପଙ୍ଗା ଆଦିତ୍ୟ ଆଲୁମିନିୟମ ତାର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରକଳ୍ପ 'ଜ୍ଞାନଅର୍ଜନ' ମାଧ୍ୟମରେ ଅନ୍ୟ ଏକ ପ୍ରୟାସ ଯାହା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଜବାହାର ନବୋଦୟ ବିଦ୍ୟାଳୟରେ ପଢ଼ିବା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ଛାତ୍ରଛାତ୍ରୀମାନଙ୍କ ପାଇଁ ଦେୟମୁକ୍ତ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟ କ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମାଞ୍ଚଳର ଛାତ୍ର ଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ତଥା ପ୍ରତିଯୋଗିତା ମୂଳକ ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରିବା । ତିଲେଇମାଳ ଗ୍ରାମ ବାସୀଙ୍କ ସହଯୋଗ ରେ ଏକ ଗୃହ ଓ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଏକ ଅଭିଜ୍ଞ ଶିକ୍ଷକ ଯୋଗାଇ ଏହି ଶିକ୍ଷା ପ୍ରଦାନ କାର୍ଯ୍ୟ କ୍ରମ ଆରମ୍ଭ କରାଯାଉଛି । ଏହାଦ୍ୱାରା ବୋମାଲୋଇ ଗ୍ରାମପଞ୍ଚାୟତର ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ଏହି ସୁନ୍ଦର ପ୍ରୟାସ ଦ୍ୱାରା ଉପକୃତ ହେବେ। ଉକ୍ତ କାର୍ଯ୍ୟ ଉଦ୍ଘାଟନ ସମୟରେ ମୁଖ୍ୟ ଅତିଥି ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ, ରେଙ୍ଗାଲି ମହେନ୍ଦ୍ର ବାଗ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ମନଦେଇ ପାଠ ପଢିବା ସହିତ ଅଭିଭାବକ ମାନେ ପିଲା ମାନଙ୍କୁ ଠିକ୍ ସମୟରେ କୋଚିଂ ସେଣ୍ଟର କୁ ପଠାଇବା ପାଇଁ ଉପଦେଶ ଦେଇ କହିଥିଲେ ଯେ ଶିଶୁ ମାନେ ହେଉଛନ୍ତି ଦେଶର ଭବିଷ୍ୟତ ତେଣୁ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏଭଳି କାର୍ଯ୍ୟ ଆଦିତ୍ୟ ଆଲୁମିନିୟମ କରୁଥିବାରୁ ଧନ୍ୟବାଦ ଜଣାଇଥିଲେ। ବୋମାଲୋଇ ପଞ୍ଚାୟତର ସରପଞ୍ଚ ସରସ୍ୱତୀ ପଧାନ, ସମିତି ସଭ୍ୟ ଅଞ୍ଜଳି କିସାନ୍ ଉପସ୍ଥିତ ରହିବା ସହିତ ଆଦିତ୍ୟ ଆଲୁମିନିୟମର ସିଏସଆର ମୁଖ୍ୟ ରବି ନିଓ୍ୱାସ, ଉପ ପ୍ରବନ୍ଧକ ମନୋରଂଜନ ବେହେରା, ଛାତ୍ର ଛାତ୍ରୀ, ଅଭିଭାବକ ଓ ସୋସିଆଲ ସେପ ଫାଉଣ୍ଡେସନ ଓ ସିଏସଆର କର୍ମଚାରୀ ଉପସ୍ଥିତ ରହିଥିଲେ ।

ଆଦିତ୍ୟ ଆଲୁମିନିୟମର ଶିକ୍ଷା କ୍ଷେତ୍ରରେ ଏଭଳି କାର୍ଯ୍ୟ ପାଇଁ ସ୍ଥାନୀୟ ଅଧିବାସୀମାନେ ପ୍ରଶଂସା କରିଥିଲେ।



# ଭୁବନେଶ୍ୱର-ଧାନବାଦ ଏକ୍ସପ୍ରେସ ଏବେ ସମ୍ପୂର୍ଣ୍ଣ ରୂପେ ଏଲଏଚବି କୋଚ୍‌ରେ ସଜ୍ଜିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ଯାତ୍ରା ଅନୁଭୂତିକୁ ଅଧିକ ଉନ୍ନତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଟ୍ରେନ୍ ନମ୍ବର ୧୮୪୦୩/୧୮୪୦୪ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ଏକ୍ସପ୍ରେସରେ ଦ୍ୱିତୀୟ ଏଲଏଚବି ର୍ୟାକ୍ ସଫଳତାର ସହ ସାମିଲ କରାଯାଇଛି। ଏହି ଟ୍ରେନର ପ୍ରଥମ ଏଲଏଚବି ର୍ୟାକ୍ ପୂର୍ବରୁ ଭୁବନେଶ୍ୱରରୁ ୨୧ ଏପ୍ରିଲ ୨୦୨୬ ଏବଂ ଧାନବାଦରୁ ୨୨ ଏପ୍ରିଲ ୨୦୨୬ ଠାରୁ କାର୍ଯ୍ୟକାରୀ ହୋଇଥିଲା। ଏହି ପ୍ରକ୍ରିୟାକୁ ଆହୁରି ସୁଦୃଢ଼ କରି ଏବେ ଦ୍ୱିତୀୟ ଏଲଏଚବି ର୍ୟାକ୍ ଭୁବନେଶ୍ୱରରୁ ୨୮ ଏପ୍ରିଲ ୨୦୨୬ ଏବଂ ଧାନବାଦରୁ ୨୯ ଏପ୍ରିଲ ୨୦୨୬ ଠାରୁ ପ୍ରଚଳନ କରାଯିବ। ଏହା ସହିତ ଏହି ଟ୍ରେନ୍‌ଟି ଏବେ ସମ୍ପୂର୍ଣ୍ଣ ଭାବେ ଏଲଏଚବି କୋଚ୍ ଦ୍ୱାରା ପରିଚାଳିତ ହେବ। ପାରମ୍ପରିକ ଆଇସିଏଫ୍ କୋଚ୍ ବଦଳରେ ସମ୍ପୂର୍ଣ୍ଣ ଭାବେ ଏଲଏଚବି କୋଚ୍ ବ୍ୟବହାର କରିବା ଭାରତୀୟ ରେଳବାଇର ଆଧୁନିକୀକରଣ, ଉନ୍ନତ ସୁରକ୍ଷା ମାନଦଣ୍ଡ ଏବଂ ଯାତ୍ରୀ ସୁବିଧା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସଂଶୋଧିତ କୋଚ୍ ସଂରଚନା: ଏସି ୨-ଟାୟାର: ୦୧ କୋଚ୍, ଏସି ୩-ଟାୟାର : ୦୩ କୋଚ୍, ସ୍ଲିପର୍ କ୍ଲାସ୍ : ୦୮ କୋଚ୍, ଜେନେରାଲ୍ ସେକେଣ୍ଡ କ୍ଲାସ୍ : ୦୪ କୋଚ୍, ଲଗେଜ୍-ସହ-ଜେନେରେଟର-ସହ-ବ୍ରେକ୍ ଭ୍ୟାନ୍ (ଦିବ୍ୟାଙ୍ଗ ଅନୁକୂଳ): ୦୨ କୋଚ୍। ଏଲଏଚବି କୋଚ୍‌ଗୁଡ଼ିକରେ 'ଆଣ୍ଟି-କ୍ଲାଇମ୍ବିଂ' ଭଳି ଅତ୍ୟାଧୁନିକ ସୁରକ୍ଷା ବ୍ୟବସ୍ଥା ରହିଛି, ଯାହା ଦୁର୍ଘଟଣା ସମୟରେ ବଗିଗୁଡ଼ିକୁ ପରସ୍ପର ଉପରକୁ ଚଢ଼ିବାକୁ ଦିଏନାହିଁ। ଏହା ବ୍ୟତୀତ ଏହି କୋଚ୍‌ଗୁଡ଼ିକରେ ଯାତ୍ରା ଅଧିକ ଆରାମଦାୟକ, ଗତି ଅଧିକ ଏବଂ ଯାତ୍ରୀ ସୁବିଧା ଉନ୍ନତମାନର ହୋଇଥାଏ। ନିରାପଦ, ଦ୍ରୁତ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥ ସର୍ବଦା ଚେଷ୍ଟିତ। ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ସମ୍ପୂର୍ଣ୍ଣ ରୂପେ ଏଲଏଚବି କୋଚ୍ ପ୍ରଚଳନ ହେବା ଏହି ଦିଗରେ ଆଉ ଏକ ମାଇଲଖୁଣ୍ଟ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIBBS 2026017, ତା.21.04.2026ରିଖ

**କାର୍ଯ୍ୟର ନାମ :** ଭୁବନେଶ୍ୱର ନ୍ୟୁ ଜଂକ୍ସନ ଷ୍ଟେସନ (ଫେଜ୍-I) ର ପ୍ରମୁଖ ଉନ୍ନତିକରଣ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 5315.90 ଲକ୍ଷ, EMD (₹) : 1,06,31,800.00, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.06.2026 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ୍ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-35/CJ/26-27

# ନବେ ବର୍ଷରେ ଓଡ଼ିଆ ଚଳଚ୍ଚିତ୍ରର ଗତି ଓ ପ୍ରଗତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ମୁକ୍ତିଲାଭ କରିବାର ୯୦ ବର୍ଷ ଅତିକ୍ରମ କରିସାରିଛି । ଓଡ଼ିଆ ଚଳଚ୍ଚିତ୍ର ପାଇଁ ସମର୍ପିତ ଅନୁଷ୍ଠାନ 'ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନ ପକ୍ଷରୁ ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ପରିସରେ ଆୟୋଜିତ 'ସୀତା ବିବାହ' ପାଳନ ଅବସରରେ 'ଓଡ଼ିଆ ଚଳଚ୍ଚିତ୍ରର ଗତି, ପ୍ରଗତି ଓ ଅଧୋଗତି' ଶୀର୍ଷକ ଏକ ଆଲୋଚନା ଚକ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଚଳଚ୍ଚିତ୍ର ଉପରେ ମତବ୍ୟକ୍ତ କରିଥିଲେ।

ପ୍ରାରମ୍ଭରେ ଓଡ଼ିଆ ଚଳଚ୍ଚିତ୍ରର ଜନକ ପ୍ରଭୁପାଦ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ଓଡ଼ିଆ ଚଳଚ୍ଚିତ୍ରର ସ୍ଥିତି ଓ ପ୍ରଗତିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନର ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜାତୀୟସ୍ତରରେ ପୁରସ୍କୃତ ନିର୍ଦ୍ଦେଶକ ପ୍ରଣବ ଦାସ, ଅଭିନେତା ପ୍ରେମାଞ୍ଜନ ପରିଡ଼ା, ହାଡ୍ଡୁ, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପ୍ରଯୋଜକ ଲିଟୁ ମହାନ୍ତି ପ୍ରମୁଖ ଯୋଗଦେଇ ନିଜ ନିଜର ମତବ୍ୟକ୍ତ କରିଥିଲେ। ଓଡ଼ିଶା ସିନେକ୍ରିଟିକ୍ସ ଆସୋସିଏସନର ସମ୍ପାଦକ ଦିଲ୍ଲୀପ ହାଲି ଅତିଥି ପରିଚୟ ପ୍ରଦାନ କରିବା ସହ ସୀତା ବିବାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡ. ସୌରେନ୍ ମହାପାତ୍ର, ଫଟୋଗ୍ରାଫର ଓ ନିର୍ଦ୍ଦେଶକ ରାଜଗୋପାଳ ସିଂ, ସାମ୍ବାଦିକ ମାଧବ ବେହୁରା, ରବୀନ୍ଦ୍ର ବିଶ୍ୱାଳ, ତନ୍ମୟ ସ୍ୱାଇଁ, ପ୍ରଯୋଜକ ଅତିଶ ରାଉତ, ନିମାଇଁ ଚରଣ ନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଚଳଚ୍ଚିତ୍ର ପ୍ରଗତି ଉପରେ ମତବ୍ୟକ୍ତ କରିଥିଲେ।



ଭୁବନେଶ୍ୱର, ୨୯ ଅପ୍ରେଲ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ମଧୁବାବୁ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ



**ଭୁବନେଶ୍ୱର, ୨୮/୦୪ ନ୍ୟୁଜ ବ୍ୟୁରୋ**

ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ । ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ। ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛନ୍ତି । ମଧୁସୂଦନ ଦାସ ୧୮୪୮ ମସିହା ଅପ୍ରେଲ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ତଥା ଓଡ଼ିଆ ଜାତିର ସାମଗ୍ରିକ ବିକାଶ ମଧୁବାବୁଙ୍କର ସ୍ୱପ୍ନ ଓ ସଂକଳ୍ପ ଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଦୁଇବର୍ଷ ପୂର୍ବରୁ ୧୯୩୪ ମସିହା ଫେବୃୟାରୀ ମାସ ୪ ତାରିଖ ଦିନ ଉତ୍କଳ ଜନନୀର ଏହି ମହାନ୍ ବରପୁତ୍ରଙ୍କ ଜୀବନ ଦୀପ ଲିଭି ଯାଇଥିଲା। ଓଡ଼ିଆ ଜାତିର ଉତ୍‌ଥାନ ପାଇଁ ସେ ସର୍ବଦା ଚେଷ୍ଟିତ ଥିଲେ। ଓଡ଼ିଆ ଜାତି ପ୍ରତି ତାଙ୍କର ଆତ୍ମୀୟତାର ପଟାନ୍ତର ନାହିଁ । ପ୍ରକୃତରେ ସେ ଥିଲେ ଉତ୍କଳ ଜନନୀର ଯୋଗ୍ୟତମ ସନ୍ତାନ । ମଙ୍ଗଳବାର ବିଧାନସଭା ପରିସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଭୁବନେଶ୍ୱର (ଏକାମ୍ର) ବିଧାୟକ ବାବୁ ସିଂ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଉତ୍କଳ ସମ୍ମିଳନୀର ବରିଷ୍ଠ କାର୍ଯ୍ୟକର୍ତ୍ତା, ପୂଜ୍ୟପୂଜା ସଂସଦର ପ୍ରତିନିଧି, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ରୋଟାରୀ କ୍ଲବ, କଟକଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ସାହିତ୍ୟାୟନ ସମ୍ମାନ ପ୍ରଦାନ ସମାରୋହରେ ରୋଟାରୀ ସାହିତ୍ୟ ସାରସ୍ୱତ ସମ୍ମାନ -୨୦୨୬ପାଇଁ କବିତାରେ କବି ଦୁର୍ଗାଚରଣ ଷଡ଼ଙ୍ଗୀ, ଉପନ୍ୟାସରେ କଥାକାର ଗୋଲାପ ମଞ୍ଜରୀ କର ଓ ଗଳ୍ପ ପାଇଁ ତରୁଣକୁମାର ସାହୁଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧିତ କରାଯାଉଛି। ପାଖରେ ଅଛନ୍ତି ରୋଟାରୀଆନ ରବିନାରାୟଣ ନନ୍ଦ, ସୁଜାତା ମହାପାତ୍ର, ସମ୍ମାନିତ ଅତିଥି ଅଧ୍ୟାପକ ବିଶ୍ୱରଞ୍ଜନ, ସାହିତ୍ୟିକ ସୁନାମଣୀ ସାହୁ, ବରିଷ୍ଠ ଅଧିବକ୍ତା ମନୋଜ କୁମାର ମିଶ୍ର ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ଆନ୍ଧ୍ରପ୍ରଦେଶ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଧକ୍ଷ ଲଙ୍କା ଦିନାକରଙ୍କ ୪ଦିନିଆ ଓଡ଼ିଶା ଗସ୍ତ

**ଭୁବନେଶ୍ୱର, ୨୮/୦୪ ନ୍ୟୁଜ ବ୍ୟୁରୋ**



ଆନ୍ଧ୍ର ପ୍ରଦେଶ ସରକାରଙ୍କ ବିଂଶସୂତ୍ରୀ କାର୍ଯ୍ୟକ୍ରମ (ଟ୍ୱେଣ୍ଟି ପଏଣ୍ଟ ପ୍ରୋଗ୍ରାମ୍)ର ଅଧକ୍ଷ ଲଙ୍କା ଦିନାକର ଚଳିତ ମାସ ୨୬ ତାରିଖରୁ ୨୯ ତାରିଖ, ଚାରି ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଓଡ଼ିଶାର ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶା ସରକାରଙ୍କ ଯୋଜନା ଓ ସଂଯୋଜନ ବିଭାଗ ସମନ୍ୱୟରେ ଅନୁଷ୍ଠିତ ଏହି ବୈଠକର ପ୍ରାରମ୍ଭରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି ଆଓ ସ୍ୱାଗତ ଭାଷଣ ଦେଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଏହି ବୈଠକରେ 'ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭' ଓ ଏହାର କାର୍ଯ୍ୟାନ୍ୱୟନ, '୩୬ ପାଇଁ ୩୬' ଲକ୍ଷ୍ୟ ହାସଲ ଏବଂ ଓଡ଼ିଶାରେ ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ସାଧନ ପାଇଁ ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ତଥ୍ୟ ରଖାଯାଇଥିଲା। ଏଥି ସହ ଓଡ଼ିଶା ଅର୍ଥ ବିଭାଗ ପକ୍ଷରୁ ଦାରିଦ୍ର୍ୟ ହ୍ରାସ ଓ ସାମଗ୍ରିକ ବିକାଶରେ କେନ୍ଦ୍ରୀୟ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ ଆଲୋଚନା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ଦିନାକର ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ପ୍ରାୟୋଜିତ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ଆଲୋଚନାରେ ଓଡ଼ିଶାରେ ଅବଲମ୍ବନ କରାଯାଉଥିବା କେତେକ ଶ୍ରେଷ୍ଠ ଅଭ୍ୟାସ (ବେଷ୍ଟ ପ୍ରାକ୍ଟିସେସ୍) ସଂପର୍କରେ ଅବଗତ ହୋଇଥିଲେ। ଆନ୍ଧ୍ର ପ୍ରଦେଶ ଟିପିପି ଅଧକ୍ଷ ଶ୍ରୀ ଦିନାକର ତାଙ୍କ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ଦୃଷ୍ଟିକୋଣ ଉପସ୍ଥାପନ କରିଥିଲେ । ସେ କହିଥିଲେ ଯେ, ଦେଶର ସାମଗ୍ରିକ ବିକାଶ ପାଇଁ ରାଜ୍ୟମାନଙ୍କ ଅବଦାନ ଅତ୍ୟନ୍ତ ଜରୁରୀ। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ସାଂସ୍କୃତିକ ସମନ୍ୱୟ ସଂପର୍କରେ ସେ ଆଲୋଚନା କରିଥିଲେ। ଲଙ୍କା ଦିନାକରନ୍ କହିଥିଲେ, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ସୂର୍ଯ୍ୟ ମନ୍ଦିର ଭଳି ବହୁ ଦର୍ଶନୀୟ ସ୍ଥାନ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ସମୃଦ୍ଧ କରିଥିବା ବେଳେ ଆନ୍ଧ୍ର ପ୍ରଦେଶରେ ବହୁ ମନ୍ଦିର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଗୁରୁତ୍ୱ ବହନ କରୁଛି । ସେ ଦୁଇ ରାଜ୍ୟର ରେଳ ପଥ, ସଡ଼କ ଓ ଆକାଶ ପଥ ସଂଯୋଗୀକରଣ ଆଦି ସଂପର୍କରେ ଆଲୋକପାତ କରିବା ସହ ଅର୍ଥନୈତିକ ଅଭିବୃଦ୍ଧିରେ ଉଭୟ ରାଜ୍ୟର ଲୋକମାନଙ୍କର ଯୋଗଦାନ ରହୁଥିବା ପ୍ରକାଶ କରିଥିଲେ । ଶ୍ରୀ ଦିନାକର ଓଡ଼ିଶାର ଖଣିଜ ସମ୍ପଦ, ପ୍ରାକୃତିକ ସମ୍ପଦ ଏବଂ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ଆର୍ଥିକ ସ୍ଥିରତା ପ୍ରଦର୍ଶନ ସଫଳତାକୁ ପ୍ରଶଂସା କରିଥିଲେ ।

## କିମ୍ସରେ ବିରଳ ଅସ୍ତ୍ରୋପଚାର

# ୧୦ବର୍ଷ ଧରି ଶଯ୍ୟାଶାୟୀ ଥିଲେ, ଏବେ ଚାଲବୁଲ କରୁଛନ୍ତି

**ଭୁବନେଶ୍ୱର, ୨୮।୪ ନ୍ୟୁଜ ବ୍ୟୁରୋ**

ଗୋଡ଼ ପାଇଁ ବିଛଣାରେ ପଡ଼ି ରହୁଥିଲେ। ନା ଚାଲିପାରୁଥିଲେ, ନା ଶୌଚାଳୟକୁ ଯାଇପାରୁଥିଲେ। ପରିବାର ଲୋକେ ଅନେକ ଡାକ୍ତରଖାନା ବୁଲିସାରିଥିଲେ, ହେଲେ ତାଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିପାରିଲାନାହିଁ। ସମସ୍ତ ଆଶା ହରାଇ ଶେଷରେ କିମ୍ସରେ ପହଞ୍ଚିଥିଲେ ଯାଜପୁର ଜିଲ୍ଲାର ୬୨ ବର୍ଷୀୟ ପ୍ରଶାନ୍ତ କୁମାର ମହାନ୍ତି। ସୁସ୍ଥ ଜୀବନଯାପନ କରୁଥିବା ପ୍ରଶାନ୍ତଙ୍କ ଗୋଡ଼ରେ ପ୍ରାୟ ଏକ ଦଶନ୍ଧି ଧରି ଗମ୍ଭୀର ଲିମ୍ଫେଡେମା ଯୋଗୁଁ ସେ ପ୍ରାୟ ଶଯ୍ୟାଶାୟୀ ହୋଇପଡ଼ିଲେ।



ପ୍ରାୟ ୧୫ ବର୍ଷ ପୂର୍ବେ ନନ୍-ହଜକିନ୍ ଲିମ୍ଫୋମାର ଚିକିତ୍ସା ତାଙ୍କ ବାମ ଗୋଡ଼ରେ ଗମ୍ଭୀର ଲିମ୍ଫେଡେମା ସୃଷ୍ଟି କରିଥିଲା। ଫଳରେ ତାଙ୍କ ଗୋଡ଼ ଫୁଲି ହାତୀ ଗୋଡ଼ ପରି ବଡ଼ ହୋଇଯାଇଥିଲା। ତାଙ୍କ ଗୋଡ଼ର ଫୁଲା ଏତେ ତୀବ୍ର ହୋଇଗଲା ଯେ ତାଙ୍କୁ ବର୍ଷ ବର୍ଷ ଧରି ବିଛଣାରେ ରହିବାକୁ ପଡ଼ିଲା। ଶେଷରେ କିମ୍ସରେ ସେ ବିଶିଷ୍ଟ ପ୍ଲାଷ୍ଟିକ୍ ସର୍ଜନ ଡା ସୁନୀଲ ରାଉତଙ୍କ ସହିତ ପରାମର୍ଶ କଲେ। ଡା ରାଉତଙ୍କ ସହ କିମ୍ସ ଶଲ୍ୟ ଚିକିତ୍ସା ଦଳ ତିନୋଟି ଜଟିଳ ଅସ୍ତ୍ରୋପଚାର ସଫଳତାର ସହ କରିଥିଲେ। ଦୀର୍ଘ ଚାରିମାସର ଚିକିତ୍ସା ପରେ ଏବେ ପ୍ରଶାନ୍ତ ସୁସ୍ଥ ଅନୁଭବ କରୁଛନ୍ତି। କିମ୍ସ ଡାକ୍ତରୀ ଦଳ ପ୍ରଥମେ ପ୍ରଶାନ୍ତଙ୍କ ଶରୀରରୁ ୪୦ କିଲୋଗ୍ରାମରୁ ଅଧିକ ଅତିରିକ୍ତ ଟିସ୍ୟୁ ବାହାର କରିଥିଲେ। ଏତେ ପରିମାଣର ଟିସ୍ୟୁ ଓ ତରଳ ପଦାର୍ଥ ବାହାର କରିବା ଶଲ୍ୟଚିକିତ୍ସା ଏବଂ ଆନାସ୍ଥେସିଆ ଦଳ ପାଇଁ ଏକ ଭୟଙ୍କର ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କାରଣ ଅସ୍ତ୍ରୋପଚାର ସମୟରେ ଓ ପରେ ରୋଗୀଙ୍କ ରକ୍ତ ସଞ୍ଚାଳନ ଏବଂ ହେମୋଡାଇନାମିକ୍ ସ୍ଥିରତା ବଜାୟ ରଖିବା ଏକ ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଥିଲା। କିମ୍ସ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡା ଜୟନ୍ତ ଲେଙ୍କା ସମଗ୍ର ଶଲ୍ୟଚିକିତ୍ସା ପ୍ରକ୍ରିୟାରେ ଡା ରାଉତଙ୍କୁ ସହାୟତା କରିଥିଲେ। ଡା. ଲିଙ୍ଗରାଜ ସାହୁ ଆନାସ୍ଥେସିଆ ଦଳର ନେତୃତ୍ୱ ନେଇଥିଲେ ଓ ପ୍ରତ୍ୟେକ ଅସ୍ତ୍ରୋପଚାର ପରେ ରୋଗୀଙ୍କୁ ଅସ୍ତ୍ରୋପଚାର ଥିଏଟରରୁ ୱାର୍ଡକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଏହି ରୋଗ ସମ୍ପର୍କରେ ସୂଚନା ଦେଇ ଡା ରାଉତ କହିଛନ୍ତି, ଲିମ୍ଫ୍ ବାହ୍ୟ ନଳୀରେ ଅବରୋଧ କିମ୍ବା ଲସିକା ପ୍ରବାହରେ ବାଧା ଯୋଗୁଁ କେମୋଥେରାପି ପରେ ରୋଗୀଙ୍କ ସାରା ଶରୀରରେ ଗଭୀର ଫୁଲା ହୋଇଥିଲା। ଲିମ୍ଫୋମା ଚିକିତ୍ସା ସମୟରେ ଲସିକା ନୋଡ୍ କ୍ଷତିଗ୍ରସ୍ତ ହୋଇଥିଲା, ଫଳରେ ଲିମ୍ଫେଡେମା ହୋଇଥିଲା। ଫୁଲା ଏତେ ଗୁରୁତର ଥିଲା ଯେ ରୋଗୀଙ୍କ ଗୋଡ଼କୁ ସ୍ଥାନ ଦେବା ପାଇଁ ଅସ୍ତ୍ରୋପଚାର ଟେବୁଲ ମଧ ଛୋଟ ମନେ ହେଉଥିଲା। ତେବେ ଲିମ୍ଫେଡେମା ହେଉଛି ଏକ ଅବସ୍ଥା ଯେଉଁଥିରେ ଲିମ୍ଫ୍ ସିଷ୍ଟମର କ୍ଷତି କିମ୍ବା ଅବରୋଧ ହେତୁ ଟିସୁଗୁଡ଼ିକରେ ଲିମ୍ଫ୍ ତରଳ ପଦାର୍ଥ ଜମା ହୁଏ ଓ ଫଳରେ ବାହୁ କିମ୍ବା ଗୋଡରେ ଦୀର୍ଘ କାଳୀନ ଫୁଲା ହୁଏ। ଏହା ପ୍ରାୟତଃ ସର୍ଜରୀ କିମ୍ବା କେମୋଥେରାପି ଭଳି କର୍କଟ ଚିକିତ୍ସା ପରେ ହୁଏ ଏବଂ ଏହା ଲିମ୍ଫ୍ ନୋଡକୁ ପ୍ରଭାବିତ କରେ ବୋଲି ଡା ରାଉତ ପ୍ରକାଶ କରିଛନ୍ତି। ଏହା ଏକ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଥିଲେ ମଧ କିମ୍ସରେ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଥିବାରୁ ଏହାକୁ ସଫଳତାର ସହ ଚିକିତ୍ସା କରାଯାଇପାରିଲା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଏଭଳି ବିରଳ ରୋଗର ସଫଳ ଚିକିତ୍ସା କରିଥିବାରୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇବା ସହ ପ୍ରଶାନ୍ତଙ୍କ ଆରୋଗ୍ୟ କାମନା କରିଛନ୍ତି। ସେହିପରି କିମ୍ସରୁ ସୁସ୍ଥ ହୋଇ ଯିବା ପରେ ପ୍ରଶାନ୍ତ କିମ୍ସ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି, ମୋ ଜୀବନରେ ବିରାଟ ପରିବର୍ତ୍ତନ ହୋଇଛି। ଦଶ ବର୍ଷ ଧରି ମୁଁ ଚାଲିପାରୁ ନଥିଲି, ଶଯ୍ୟାଶାୟୀ ଥିଲି। ଏବେ, ମୁଁ ସଂପୂର୍ଣ୍ଣ ସୁସ୍ଥ ଏବଂ ମୋର ବ୍ୟବସାୟ ପୁଣି ଆରମ୍ଭ କରିଛି।

# ପଞ୍ଚାୟତ ନିର୍ବାଚନରେ ବିଜେଡି ସହ ବୁଝାମଣା ହେବ ନାହିଁ : ଭକ୍ତ

**ଭୁବନେଶ୍ୱର,୨୮/୦୪ ନ୍ୟୁଜ ବ୍ୟୁରୋ**



ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଏକାକୀ ନିଜ ଦମ୍‌ରେ ଲଢ଼ିବ ବୋଲି କହିଛନ୍ତି ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ। ତେବେ ବିଧାନସଭା ନିର୍ବାଚନ ବେଳେ ଆବଶ୍ୟକ ପଡ଼ିଲେ ହାଇକମାଣ୍ଡ କହିଲେ ବିଜେଡି ସହ ବୁଝାମଣା ହେଇପାରେ ବୋଲି ସେ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ରାଜ୍ୟସଭା ନିର୍ବାଚନ ସମୟରେ କଂଗ୍ରେସ ଏବଂ ବିଜେଡି ମଧ୍ୟରେ ବୁଝାମଣା ହୋଇଥିଲା। ଉଭୟେ ଦଳ ମିଶି ରାଜ୍ୟ ସଭା ଚତୁର୍ଥ ଆସନ ପାଇଁ କମନ କ୍ୟାଣ୍ଡେଟ ବା ମିଳିତ ପାର୍ଥୀ ଘୋଷଣା କରିଥିଲେ। ତେବେ ମିଳିତ ପାର୍ଥୀ ପରାଜୟ ପରେ ଉଭୟେ ଦଳରେ ଅସନ୍ତୋଷ ଘନିଭୁତ ହୋଇଥିଲା। ଅବଶ୍ୟ ରାଜ୍ୟସଭା ନିର୍ବାଚନରେ ବିଜେଡିରୁ ୮ଜଣ ଏବଂ କଂଗ୍ରେସର ୩ଜଣ କ୍ରସ ଭୋଟିଂ କରିଥିବା ସ୍ପଷ୍ଟ ହେବା ଘଟଣାରେ ସେମାନଙ୍କୁ ଦଳରୁ ସସ୍‌ପେନ୍ସ କରାଯାଇଥିଲା। ଏହା ଫଳରେ ଉଭୟେ ଦଳର ବିଧାୟକଙ୍କ ସଂଖ୍ୟା ବିଧାନସଭାରେ ହ୍ରାସ ପାଇଥିଲା। ଏହି ଘଟଣାପରେ ରାଜନୈତିକ ସ୍ତରରେ ଉଭୟେ ଦଳରେ ଅସନ୍ତୋଷ ଘନୀଭୂତ ହେବାରୁ ନେତାମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା। ଏହି କାରଣରୁ ପିସିସି ସଭାପତି ଶ୍ରୀ ଦାସ ଏବେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଆଉ ବିଜେଡି ସହ ବୁଝାମଣା ବା ମେଣ୍ଟ ହେବ ନାହିଁ ବୋଲି କହିଛନ୍ତି। ତେବେ କଂଗ୍ରେସ ଓ ବିଜେଡି ମଧ୍ୟରେ ଆଗାମୀ ଦିନରେ ନିର୍ବାଚନୀ ମେଣ୍ଟର ନିଷ୍ପତ୍ତି ହାଇକମାଣ୍ଡ ନେବେ ବୋଲି ମଧ ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ମଧ ଭକ୍ତଙ୍କ ଏହି ବୟାନକୁ ଗ୍ରହଣ କରି କହିଛନ୍ତି ସବୁ କ୍ଷେତ୍ରରେ ସମ୍ଭାବନା ରହିଛି, ଯଦି ପିସିସି ସଭାପତି ଏପରି କିଛି କହିଛନ୍ତି ତାହାହେଲେ କିଛି ଅନୁଧାନ କରି କହିଥିବେ।' ବର୍ତ୍ତମାନ ଓଡ଼ିଶାର ରାଜନୈତିକ ସ୍ଥିତି ଯାହା ରହିଛି, ସେଥିରେ ବିଜେଡି ଓ କଂଗ୍ରେସ ମେଣ୍ଟର ଆବଶ୍ୟକତା ରହିଥିବା କଥା ରାଜନୈତିକ ପଣ୍ଡିତଙ୍କ ମଧ୍ୟରେ ବେଶ୍ ଆଲୋଚନା ହେଉଛି। ରାଜନୈତିକ ପର୍ଯ୍ୟବେକ୍ଷକମାନେ ମଧ କହିଛନ୍ତି, ବିଜେପି ଶୀର୍ଷ ନେତୃତ୍ୱଙ୍କ ସହ ନବୀନ ପଟ୍ଟନାୟକଙ୍କର ସମ୍ପର୍କରେ ସେଭଳି କୌଣସି ତିକ୍ତତା ନାହିଁ। ତେବେ ପଞ୍ଚାୟତ ନିର୍ବାଚନ ପାଇଁ ଆହୁରି ସମୟ ବାକି ରହିଥିବାରୁ ଏବେ ଠାରୁ ବିଜେଡି କଂଗ୍ରେସ ମଧ୍ୟରେ ନିର୍ବାଚନ ବୁଝାମଣା ହେବ କି ନାହିଁ ତାହା କହିହେବ ନାହିଁ ବୋଲି ଅନେକ ମତ ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୮/୦୪/୨୦୨୬
୧୩,୦୨,୭୦୩/- ଟଙ୍କା
ସୁନା:-୦୧ଗ୍ରାମ୍‌୫୦୦ ମିଲିଗ୍ରାମ
ରୂପା:-୧୦୨ଗ୍ରାମ୍‌୦୦୦ ମିଲିଗ୍ରାମ

## ଟଙ୍କା ପାଇଁ ଶବ ବ୍ୟାଙ୍କ ଆଣିବା ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ମିଳିଲା ଆର୍ଥିକ ସହାୟତା

**ଭୁବନେଶ୍ୱର, ୨୮/୦୪ ନ୍ୟୁଜ ବ୍ୟୁରୋ**

ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ଭଉଣୀର ଶବ ଖୋଳି ଆଣିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। କେନ୍ଦୁଝର ଜିଲ୍ଲା ମଲ୍ଲୀପଶି ଅଞ୍ଚଳର ଏହି ଘଟଣା ଏବେ ସବୁଠି ଚର୍ଚ୍ଚାରେ। ଅଞ୍ଚଳର ଜିତୁ ମୁଣ୍ଡା ନାମକ ଜଣେ ବ୍ୟକ୍ତି ନିଜ ମୃତ ଭଉଣୀଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ଯାଇଥିଲେ। କିନ୍ତୁ ସେଠାରେ ବ୍ୟାଙ୍କ୍ କର୍ମଚାରୀ ତାଙ୍କୁ ପ୍ରମାଣ ମାଗିଥିଲେ। ଆଉ ପ୍ରମାଣ ପାଇଁ ଜିତୁ ସିଧାସଳଖ ଭଉଣୀଙ୍କ କଙ୍କାଳ ନେଇ ପହଞ୍ଚିଥିଲେ। ଯାହାପରେ ବ୍ୟାଙ୍କରେ ଉପୁଜିଥିଲା ଏକ ଛାତିଥରା ଦୃଶ୍ୟ। ଏହି ଘଟଣା ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ଯାହା ପରେ ମଙ୍ଗଳବାର ଜିତୁଙ୍କୁ ଜମା ଟଙ୍କା ଫେରାଇଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ। ୧୯ ହଜାର ୪୦୨ ଟଙ୍କା ଜିତୁ ମୁଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ବେଳେ, ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ପାଟଣା ବିଡିଓ। ଜିତୁଙ୍କୁ ରେଡକ୍ରସରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଆର୍ଥିକ ସହାୟତା ପାଇଛନ୍ତି ଜିତୁ ମୁଣ୍ଡା। ଅସହାୟ ବ୍ୟକ୍ତି ଯେପରି ଏଭଳି ସ୍ଥିତିକୁ ପୁନର୍ବାର ସାମ୍ନା ନକରନ୍ତି ତଦାରଖ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ସେପଟେ ଏହି ମାମଲାରେ ଜାତୀୟ ମାନବାଧିକାର କମିଶନ ପକ୍ଷରୁ ମାମଲା ରୁଜୁ କରାଯାଇଛି। ସେହିଭଳି ଘଟଣାକୁ ନେଇ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ''ଦାନ ମାଝୀଙ୍କ ପରେ ଏହା ରାଜ୍ୟରେ ଦ୍ୱିତୀୟ ଘଟଣା। ଏମିତି ଘଟଣା ଆଗକୁ ନଘଟୁ।'' ସେ ଆହୁରି କହିଛନ୍ତି, ''ଦାୟୀ ଅଧିକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ, ଯେମିତି ଆଉ କେହି ଏମିତି କରିବା ପାଇଁ ସାହସ ନକରିବ। ଜିଲ୍ଲାପାଳ ଏଘଟଣାରେ ତଦନ୍ତ କରିଛନ୍ତି, ଟଙ୍କା ପାଇଲେଣି। ଏମିତି ପରିସ୍ଥିତି କାହିଁକି ହେଲା, ଜିଲ୍ଲାପାଳଙ୍କ ସହ ଆଲୋଚନା କରିବି।'' ଦୋଷୀ ବ୍ୟାଙ୍କ କର୍ମଚାରୀଙ୍କ ଉପରେ କଡ଼ା କର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।


## ଏବେ ବଜାରରେ ଉପଲବ୍ଧ...

## "କଥାକଳିକା"
## ବୈଶାଖ ସଂଖ୍ୟା-୨୦୨୬




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଶଶିଭୂଷଣ ମହାନ୍ତି
**ସମକାଳର କଥା :** ସୁରେଶ କୁମାର ନାଗ, ମଣିରାମ ଜେନା, ଲିପିକା ଦାସପଟ୍ଟନାୟକ, ଉମାକାନ୍ତ ରାଉତ (ଅରୂପ), ସୁଶୀଲ କୁମାର ପାଣିଗ୍ରାହୀ, ସଚ୍ଚିଦାନନ୍ଦ କର, କମଳିନୀ ମଲ୍ଲିକ୍, ଲିପ୍‌ସା ପଟେଲ, ପ୍ରଣତି ଆଚାର୍ଯ୍ୟ ମିଶ୍ର, ରାଜଲକ୍ଷ୍ମୀ ତ୍ରିପାଠୀ, ସଂଯୁକ୍ତା ଦାଶ, ଚନ୍ଦ୍ରମୋହନ ମହାପାତ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ।
**ଅନ୍ୟ ଭାଷାର କଥା :** ଚଣ୍ଡିଦତ୍ତ ଶୁକ୍ଳ, ନଗେନ୍ଦ୍ରନାଥ ପଟ୍ଟନାୟକ।
**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ସ୍ନିଗ୍ଧା ସାହୁ, ଗୀତାଞ୍ଜଳି ସ୍ୱାଇଁ, ଗୀତାରାଣୀ ବିଶୋୟୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


# କ୍ୟାପିଟାଲ ହସ୍ପିଟାଲରେ ଏନଆଇଏ ଟିମ୍ : ସାକ୍ଷୀଙ୍କ ବୟାନ ରେକର୍ଡ

**ଭୁବନେଶ୍ୱର ୨୮।୪ ନ୍ୟୁଜ ବ୍ୟୁରୋ**




କ୍ୟାପିଟାଲ ହସ୍ପିଟାଲରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) । ଭୁବନେଶ୍ୱର ଆଜାଦ ନଗର ବୋମା ବିସ୍ଫୋରଣ ଘଟଣାରେ ଏନଆଇଏ ଟିମ୍ ଛାନଭିନ୍ ଜାରି ରଖିଛି। ବିସ୍ଫୋରଣ ଘଟଣାରେ ସାକ୍ଷୀଙ୍କ ବୟାନ ରେକର୍ଡ କରୁଛି ସ୍ୱତନ୍ତ୍ର ଟିମ୍।

ଭୁବନେଶ୍ୱର ଆଜାଦଗନର ବିସ୍ଫୋରଣ ଘଟଣାର ଏନଆଇଏ ଟିମ୍ ଛାନଭିନ୍ କରୁଛି । ଏହି ଅନୁଯାୟୀ ସାକ୍ଷୀଙ୍କ ବୟାନ ରେକର୍ଡ କରିବାକୁ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଛି ଏନଆଇଏ ଟିମ୍। ମଙ୍ଗଳବାର ଏନଆଇଏ ଟିମ୍ କ୍ୟାପିଟାଲ ହସ୍ପିଟାଲକୁ ଯାଇ ସାକ୍ଷୀମାନଙ୍କୁ ପଚରାଉଚରା କରିଛି। ଏହାପରେ ସେମାନଙ୍କ ବୟାନ ମଧ ରେକର୍ଡ କରିଛି । ସେହିପରି ପୂର୍ବରୁ ମଧ ଏହି ଘଟଣାରେ ୫ ଜଣ ଯୁବକଙ୍କୁ ଏନଆଇଏ ଅଫିସକୁ ଡାକି ପଚରାଉଚରା କରିଛି । ସାକ୍ଷୀଙ୍କୁ ପଚରାଉଚରା ପରେ ପ୍ରମାଣ ଏକାଠି ପାଇଁ ଏନଆଇଏ ଆରମ୍ଭ କରିଛି ପ୍ରକ୍ରିୟା । କିନ୍ତୁ ଆରଡିଏକ୍ସ ଲିଙ୍କର ଏକ ବଡ଼ ପ୍ରମାଣ ସହ ଓଡ଼ିଶା ଲିଙ୍କ ନେଇ ତନାଘନା କରୁଛି ଜାତୀୟ ତଦନ୍ତକାରୀ ସଂସ୍ଥା ।

ସୂଚନାଯୋଗ୍ୟ ଯେ, ୨୦୨୬ ଜାନୁଆରୀ ୨୭ ତାରିଖରେ ଆଜାଦନଗରରେ ଘଟିଥିଲା ଭୟଙ୍କର ବିସ୍ଫୋରଣ ଓ ଅଭିଯୁକ୍ତ ସେହନୱାଜ ମଲ୍ଲିକ, ତାଙ୍କ ମାଆ ଲିଜାତୁନ ବିବି, ସେହେନାଜର ପ୍ରେମିକା ତୃପ୍ତିମୟୀ ଓ ସହଯୋଗୀ ଅମୀୟ ମଲ୍ଲିକ ବୋମା ବିସ୍ଫୋରଣରେ ଗୁରୁତର ଆହତ ହୋଇଥିଲେ ଓ ଅଭିଯୁକ୍ତ ସେହେନୱାଜ ଓ ତାଙ୍କ ମା'ଙ୍କର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

ବୋମା ବିସ୍ଫୋରଣ ଘଟଣାର ଏନଆଇଏ ଟିମ୍ ତଦନ୍ତ ଆରମ୍ଭ କରିଥିଲା । ଏନଆଇଏର ତିନିଜଣିଆ ଟିମ୍ ଏୟାରରଫିଲ୍ଡ ଥାନାରେ ପହଞ୍ଚି ବୋମା ବିସ୍ଫୋରଣ ଘଟଣାର ତଦନ୍ତକାରୀ ଅଧିକାରୀଙ୍କ ନିକଟରୁ ସମସ୍ତ ତଥ୍ୟ ହାସଲ କରିଛି । ଆଜି ପର୍ଯ୍ୟନ୍ତ ବୋମା ବିସ୍ଫୋରଣ ଘଟଣାରେ ମିଳିଥିବା ସୁରାକ, ଫୋରେନସିକ ରିପୋର୍ଟ, ଘଟଣା ସ୍ଥଳରୁ ମିଳିଥିବା ବିସ୍ଫୋରଣ ସମୟର ସିସିଟିଭିର ହାର୍ଡଡିସ୍କକୁ ନିଜ ହେପାଜତକୁ ନେଇଥିଲା । ଏହା ସହିତ ତଦନ୍ତକାରୀ ଅଧିକାରୀ ରେକର୍ଡ କରିଥିବା ଦୁଇ ଭିଯୁକ୍ତଙ୍କ ମତ୍ୟୁକାଳିନ ଜମାନବନ୍ଦୀ, ଅଭିଯୁକ୍ତମାନଙ୍କ ବୟାନକୁ ମଧ ନିଜ ହେପାଜତକୁ ନେଇଛି । ଏହା ପୂର୍ବରୁ ଏନ ଆଇ ଏ ଟିମ୍ ବୋମା ବିସ୍ଫୋରଣ ସ୍ଥଳକୁ ଦୁଇ ଦୁଇଥର ଯାଇ ତଦନ୍ତ କରି ଫେରିଛନ୍ତି ।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com